# ବଢୁଛି ତାତି; ଶୁଖିଲା ପଡ଼ିଛି ପୋଖରୀ



**ସାନଖେମୁଣ୍ଡି, ୪।୪(ସମିସ):** ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ସୁଧୁରୁନି ପାନୀୟ ଜଳ ସମସ୍ୟା। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏବେଠାରୁ ଅଧିକାଂଶ କୂଅ, ପୋଖରୀ, ନାଳ ଶୁଖିବାରେ ଲାଗିଛି। ଏହି ବ୍ଲକର ୨୬ଟି ପଞ୍ଚାୟତରେ ଥିବା ପ୍ରାୟ ୭୦ ପ୍ରତିଶତ ପୋଖରୀ ଶୁଖିଲା ଥିବା ଦେଖିବାକୁ ମିଳିଛି। ଲୋକମାନେ ଗାଈ, ବଳଦ, ଛେଳି, ମେଣ୍ଢାଙ୍କ ପାଇଁ ବହୁତ ହଇରାଣ ହେଉଥିବା ଜଣାପଡ଼ିଛି। ଗ୍ରାମ ନିକଟରେ ଥିବା ନାଳ, କୂଅ, ପୋଖରୀ ପାଣି ଶୁଖି ଆସିଥିବାରୁ ଲୋକେ ନଳକୂପରୁ ପାଣି ଆଣି ଗୃହପାଳିତ ପ୍ରାଣୀଙ୍କୁ ପିଇବାକୁ ଦେଉଛନ୍ତି। ପୋଖରୀଗୁଡ଼ିକ ପୁନରୁଦ୍ଧାର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରୋଜେକ୍ଟ ହାତକୁ ନେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ଥାନୀୟ ପ୍ରଶାସନର ଅପାରଗତ ଯୋଗୁଁ ସାନଖେମୁଣ୍ଡିର ୭୦ ପ୍ରତିଶତ ପୋଖରୀ ଶୁଖିଲା ପଡ଼ିଛି। ଉକ୍ତ ପୋଖରୀଗୁଡ଼ିକ ମନରେଗା ଯୋଜନା, ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରଯାଇଥିବା ବେଳେ ସଠିକ୍ ଭାବେ ପୁନରୁଦ୍ଧାର ହୋଇନଥିବା ଅଭିଯୋଗ ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଦଣ୍ଡନାଚ ଲାଗି ଶେରଗଡ଼ ଚଳଚଞ୍ଚଳ

# ‘ଗଞ୍ଜାମ ମାଟିର ଗୌରବ ବହନ କରେ ଦଣ୍ଡଯାତ୍ରା’

**ଶେରଗଡ଼, ୪।୪(ସମିସ)**

ପାରମ୍ପରିକ ଦଣ୍ଡନାଚରେ ଦୁଲୁକୁଛି ଶେରଗଡ଼। ଗଞ୍ଜାମର ଏହି ପ୍ରସିଦ୍ଧ ଲୋକକଳା ସାରା ଜିଲ୍ଲାକୁ ଚଳଚଞ୍ଚଳ କରି ରଖିଥିବା ବେଳେ ଶେରଗଡ଼ରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେଉଛି। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ କୁଲାଗଡ଼ ଦଣ୍ଡ ଦଳ ଗୁରୁବାର ଶେରଗଡ଼ ସହର ୱାର୍ଡ ନଂ ୧୨ରେ ରହିଥିବା ବେଳେ ଏହି ଦଣ୍ଡକୁ ଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇଥିଲେ। ଫଳରେ ଗୁରୁବାର ସାରା ସହର ଚଳଚଞ୍ଚଳ ହୋଇ ଉଠିଥିଲା।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ କୁଲାଗଡ଼ ଦଣ୍ଡନାଚରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ଦଣ୍ଡୁଆ ରହିଥିବା ବେଳେ ମା’କାଳୀଙ୍କ ନୀତିକାନ୍ତି ଓ ଆଳତୀ ଦର୍ଶନ କରି ଶ୍ରଦ୍ଧାଳୁଙ୍କ ମନରେ ଏକ ଅଫୁରନ୍ତ ଆନନ୍ଦ ଖେଳି ଯାଇଥିବା ଦେଖିବାକୁ ମିଳିଛି। ଶେରଗଡ଼ ସହରରେ ସାତପେଣ୍ଠ ଗୋପାଳପୁର ଦଣ୍ଡନାଚ ସମେତ ପ୍ରତି ଦିନ ବିଭିନ୍ନ ଦଣ୍ଡ ଦଳ ସେମାନଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଥିବାରୁ ଏସବୁ ଦେଖିବାକୁ ଲୋକଙ୍କ ମନରେ ବିପୁଳ ଆନନ୍ଦ ଦେଖିବାକୁ ମିଳୁଛି। ଦିନ ବେଳେ ପ୍ରଥମେ ମାଙ୍କ ଗ୍ରାମ ପ୍ରବେଶ ସହ ବନ୍ଦାଣ କାର୍ଯ୍ୟକ୍ରମରେ ଆବଶ୍ୟକ ସମସ୍ତ ପଦାର୍ଥ ସମ୍ପର୍କରେ ଏଥିରେ ସଚେତନତା କରାଯାଉଥିବା ବେଳେ ମଧ୍ୟାହ୍ନରେ ଧୂଳିଦଣ୍ଡ ପରେ ପୋଖରୀରେ ଜଳଦଣ୍ଡ ଏବଂ ମାନସିକଧାରୀଙ୍କ ପଣା ସେବନ ବିଧି ପାଳନ ହୋଇଛି। ସେହିପରି ରାତିରେ ଅନ୍ନଭୋଗ ସହ କେତେକ ଦଣ୍ଡଦଳ ପାରମ୍ପରିକ ଚଢେୟା ନାଚ କରୁଥିବାବେଳେ କେତେକ ଦଣ୍ଡ ଦଳ ସାମାଜିକ ନାଟକ ପରିବେଷଣ କରିଛନ୍ତି। ଚଳିତ ମାସ ୨ ତାରିଖରୁ ଏହି ମହାନ ଗଣପର୍ବ ଆରମ୍ଭ ହୋଇଥିଲା ବେଳେ ୧୪ ତାରିଖ ଓଡ଼ିଆ ନବବର୍ଷ ବା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଫଳରେ ଏବେ ସାରା ଅଞ୍ଚଳ ମୁକ୍ତାକାଶ ରଙ୍ଗ ମଞ୍ଚରେ ପରିଣତ ହୋଇଯାଇଛି। ଏ ସମ୍ପର୍କରେ ଗବେଷକ କୁହନ୍ତି, ପାରମ୍ପରିକ ଦଣ୍ଡଯାତ୍ରାରେ ଗଞ୍ଜାମର ବିଭିନ୍ନ ଲୋକକଳା ଓ ଜନଜୀବନର ଛବି ପ୍ରତିଫଳିତ ହୋଇଥାଏ। ବିଶେଷ କରି, ଚାଷ ପ୍ରଣାଳୀଠାରୁ ଆରମ୍ଭ କରି ଅନେକ ନିଚ୍ଛକ ଛବି ଏହି ଦଣ୍ଡନାଚରେ ପ୍ରଦର୍ଶିତ ହୋଇଥାଏ। ଏଭଳି ଲୋକକଳା ଅନ୍ୟ କୌଣସି ସ୍ଥାନରେ ପ୍ରଦର୍ଶିତ ହେଉନଥିବାରୁ ଦଣ୍ଡଯାତ୍ରା ଗଞ୍ଜାମ ମାଟିର ଗୌରବ ବହନ କରିଥାଏ ବୋଲି ପ୍ରକାଶ କରିଛନ୍ତି।



■ **ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ମା’ ବାଙ୍କେଶ୍ୱରୀ ଟିମ୍ ଚାମ୍ପିଅନ

**ଦିଗପହଣ୍ଡି, ୪।୪(ସମିସ):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମରେ ଗତ ୨୬ ତାରିଖଠାରୁ ଚାଲିଥିବା ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବି.ତୁରୁବୁଡି ଗ୍ରାମ ମା’ବାଙ୍କେଶ୍ୱରୀ କ୍ରିକେଟ ଟିମ୍ ପ୍ରତିପକ୍ଷ କୁକୁଡ଼ାଖଣ୍ଡି ବ୍ଲକ ମସିହାଖାଲି ଟିମ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ବି.ତୁରୁବୁଡି ଗ୍ରାମ ମା’ ବାଙ୍କେଶ୍ୱରୀ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୨ ଓଭର୍‌ରେ ୬ ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରିଥିଲା। ଜବାବରେ ମସିହାଖାଲି ଦଳ୧୨ ଓଭରରେ ୯ ୱିକେଟ୍ ହରାଇ ୧୩୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ୭ ରନ୍‌ରେ ମା’ବାଙ୍କେଶ୍ୱରୀ ଟିମ୍ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ବୁଦ୍ଧିଆ ପାତ୍ର, କାମେଶ୍ୱର ପାତ୍ର, ଈଶ୍ୱର ପାତ୍ର, ଶ୍ୟାମ ପାତ୍ର ଓମ୍ପାୟରିଂ କରିଥିଲେ। ମଙ୍ଗୁଲୁ ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ଯୋଗେନ୍ଦ୍ର ସେଠୀ ଏବଂ ଏମ.ସୁରେନ୍ଦ୍ର ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଟିମ୍‌କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଶଙ୍କର ପାତ୍ର, ମନୀଷ ମହାରଣା, ଏସ.ଗୋପାଳ ରେଡ୍ଡୀ, ଚିକୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



# ସୋରଡ଼ାରେ ବିଜେଡିର ମିଶ୍ରଣ ପର୍ବ



**ସୋରଡ଼ା, ୪।୪(ସମିସ):** ସୋରଡ଼ାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦଳର ୨ଶହରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢ଼ୀ, ପ୍ରିୟରଞ୍ଜନ ପାଢ଼ୀ, ମନୋଜ କୁମାର ପାତ୍ର, ପୂର୍ବତନ କାଉନସିଲର ସନ୍ତୋଷ କୁମାର ପାଣିଗ୍ରାହୀ, ସଞ୍ଜୟ କୁମାର ଗୌଡ଼, ବି.କୋଟିବାଡି, ମଣିଆ କାଠି, ସାଲିମା ଗୋଛା ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଦଳୀୟ ବ୍ଲକ ସଭାପତି ବସନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ବିଜୁ ଜନତା ଦଳର ବ୍ଲକ ଯୁବ ସଭାପତି ତଥା ୬୩ନଂ ଜୋନ୍ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ୬୪ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରାମ ଶବର, ଆସ୍କା ସମବାୟ ଚିନି ଶିଳ୍ପ ନିଗମ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ୬୫ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ଼, ନଗର ସଭାପତି ସଞ୍ଜୟ ଅଧିକାରୀ, ପ୍ରମୋଦ କୁମାର ପଟ୍ଟନାୟକ, ଜୟରାମ ମହାନ୍ତି, ରୁଦ୍ର ନାରାୟଣ ପଣ୍ଡା, ବୁଦ୍ଧିରାମ ବେହେରା, ବିକାଶ ସ୍ୱାଇଁ, ସରପଞ୍ଚ ତ୍ରିଲୋଚନ ସାହୁ, ରଶ୍ମିତା ଆଚାର୍ଯ୍ୟ ପ୍ରମୁଖଙ୍କ ସହ ସତ୍ୟନାରାୟଣ ସୁବୁଦ୍ଧି, କାଜଲ ପ୍ରଧାନ, ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖଣ୍ଡା ଚୋଟରେ ଦମ୍ପତି ଆହତ; ୨ ଗିରଫ

**ହୁମ୍ମା, ୪।୪(ସମିସ):** ରମ୍ଭା ଥାନା ଅଞ୍ଚଳର ବଡ଼ରାମପଲ୍ଲୀ ଗ୍ରାମରେ ଦମ୍ପତିଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ ହୋଇଛି। ଏନେଇ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆହତ ମାନେ ହେଲେ ବଡ଼ରାମପଲ୍ଲୀ ଗ୍ରାମର ମାମି ବେହେରା(୨୬) ଓ ବାବୁ ବେହେରା। ଗତ ସୋମବାର ମାମି ଛୁଆଙ୍କୁ ଧରି ଘରେ ଥିଲେ। ଏତିକିବେଳେ ପୂର୍ବର୍ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ଦୁଇ ବ୍ୟକ୍ତି ଖଣ୍ଡାଧରି ମାମିଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କ ସ୍ୱାମୀ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରମ୍ଭା ପୁଲିସ କେସନଂ(୨୩୩/୨୪)ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏସଆଇ ଅମରକାନ୍ତ ଷଡ଼ଙ୍ଗୀ ଏହାର ତଦନ୍ତ ଜାରି ରଖିଛନ୍ତି।

# ନାବାଳକଙ୍କ ପତ୍ତା ମିଳୁନି

**ହୁମ୍ମା, ୪।୪(ସମିସ):** ଗତ ଶୁକ୍ରବାର ହୁମ୍ମା ପଞ୍ଚଦୋଳ ଯାତ୍ରାରେ ଜଣେ ନାବାଳକ ନିଖୋଜ ହୋଇ ଯାଇଥିବା ଅଭିଯୋଗ ହୋଇଛି। ନାବାଳକ ହେଲେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏନ. ଉମାଶଙ୍କର ପ୍ରଧାନଙ୍କ ବଡ଼ପୁଅ ଏନ.ରଞ୍ଜନ ପ୍ରଧାନ(୧୬)। ପରିବାର ଲୋକଙ୍କ ପକ୍ଷରୁ ବହୁତ ଖୋଜାଖୋଜି କରିବା ପରେ ପୁଅକୁ ନପାଇବାରୁ ତାଙ୍କ ବାପା ଉମାଶଙ୍କର ଗତ ମଙ୍ଗଳବାର ହୁମ୍ମା ଫାଣ୍ଡିରେ ଅଭିଯୋଗ ଦେଇଛନ୍ତି। ପୁଲିସ ଏପର୍ଯ୍ୟନ୍ତ ନିଖୋଜ ପୁଅକୁ ଖୋଜି ପାଇ ପାରି ନଥିବା ଉମା କହିଛନ୍ତି। ପୁଲିସ ପକ୍ଷରୁ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏସ୍‌ଆଇ ବିମଳ କୁମାର କଅଁର ଏହାର ତଦନ୍ତ ଜାରି ରଖିଛନ୍ତି।

# ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ

**ଜଗନ୍ନାଥପ୍ରସାଦ, ୪।୪(ସମିସ):** ଜଗନ୍ନାଥପ୍ରସାଦ ଥାନା ଅଧୀନ ତାମନାଡ଼ ନିକଟରେ ବୁଧବାର ବିଳମ୍ବିତ ରାତ୍ରିରେ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଘଟିଛି। ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇନଥିବା ଜଣାପଡ଼ିଛି। ସୂଚନାନୁସାରେ ଭଞ୍ଜନଗରଠାରୁ ନାଉଖାଲ ପର୍ଯ୍ୟନ୍ତ ରାସ୍ତାଟି ପ୍ରଶସ୍ତ ଓ ନବୀକରଣ କାମ ଚାଲୁ ରହିଛି। ଏହା ୨୧ ନମ୍ବର ରାଜ୍ୟ ରାଜପଥ ହୋଇଥିବାରୁ ଏଆରଏସଏସ ଘରୋଇ କନଷ୍ଟ୍ରକ୍ସନ କମ୍ପାନୀ ତରଫରୁ କେତେକ ସ୍ଥାନରେ ରାସ୍ତାରେ କଲଭର୍ଟ କାମ ଚାଲିଥିବା ବେଳେ ଅଧିକାଂଶ ଅଧାରେ ଲଟକିଛି। ସାରଳା ନାମକ ଏକ ଘରୋଇ ବସ୍ ୪୦ରୁ ଉର୍ଦ୍ଧ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ବାହାରି ରାୟଗଡ଼ା ଅଭିମୁଖେ ଯାଉଥିବାବେଳେ ନିର୍ମାଣାଧୀନ କଲଭର୍ଟକୁ ଧକ୍କା ଦେଇ ଝୁଲି ରହିଯାଇଥିଲା। ଫଳରେ ବସ୍‌ର ଆଗ ଭାଗ ନଷ୍ଟ ହୋଇଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ଗୁରୁବାର ଦୁଇଟି ଜେସିବି ସାହାଯ୍ୟରେ ଗାଡ଼ିକୁ କାଢ଼ି ପୁଲିସ ହେପାଜତକୁ ନିଆଯାଇଛି।

## କାମରେ ଲାଗୁନି କାଞ୍ଜିଆହୁଦା

# ମୁଖ୍ୟରାସ୍ତାରେ ଗାଈଗୋରୁଙ୍କ ଉପଦ୍ରବ

**ଗଞ୍ଜାମ, ୪।୪(ସମିସ):** ଗଞ୍ଜାମ ସହରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବୁଲା ଗାଈଗୋରୁଙ୍କ ଉପଦ୍ରବ ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ ହେଲେଣି। ଏପରିକି ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନ୍‌ଏସି ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଏନ୍‌ଏସିରେ ଏହି ସମସ୍ୟା ଦୀର୍ଘ ଦିନ ହେଲା ସମାଧାନ ହୋଇପାରୁନାହିଁ। ସୂଚନାଯୋଗ୍ୟ, ବୁଲା ଗାଈଗୋରୁଙ୍କୁ ରୋକିବା ପାଇଁ ଏନଏସି ପକ୍ଷରୁ ଗତ କିଛି ବର୍ଷ ତଳେ କଲ୍ୟାଣପୁର ନିକଟରେ କାଞ୍ଜିଆହୁଦା ନିର୍ମାଣ କରା ଯାଇଥିଲା। ଏଣୁ ସେଠି ବୁଲା ଗାଈଗୋରୁଙ୍କୁ ଧରିନେଇ ରଖାଯିବା ସହିତ ଉକ୍ତ ଗୋରୁଗାଈଙ୍କ ମାଲିକଙ୍କୁ ଜରିମାନା ଆଦାୟ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ ଆଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନଥିବା ବେଳେ ତାହା କେବଳ ନାମକୁ ମାତ୍ର ନିର୍ମାଣ ହୋଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିବା କାଞ୍ଜିଆହୁଦା ଅଦରକାରୀ ଭାବେ ପଡ଼ି ରହିଛି। ଅନ୍ୟପଟେ ସହରରେ ଗାଈଗୋରୁଙ୍କ ଉପଦ୍ରବ ସମସ୍ୟା ବଢ଼ି ଚାଲିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦେବାକୁ ସହରବାସୀ ଦାବି କରିଛନ୍ତି।



# ଆତ୍ମସୁରକ୍ଷା ତାଲିମ ଶିବିର



**ହୁମ୍ମା, ୪।୪(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲୁର ଜଂକସନ୍‌ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମସୁରକ୍ଷା କ୍ୟାମ୍ପ ପକ୍ଷରୁ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଦିଆଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଆସିଥିବା ଦୁଇ ପ୍ରଶିକ୍ଷକ ନିମଶୂଳା ବିଦ୍ୟାଳୟର ସଙ୍ଗୀତା ବିଷୋୟୀ, ପାଳିବନ୍ଧ ବିଦ୍ୟାଳୟର ଫିରୋଜ ସିଂ ସାମନ୍ତ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ନୋଡାଲ ଶିକ୍ଷୟିତ୍ରୀ ଉଷାରାଣୀ ପଟ୍ଟନାୟକ ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।




# ଗରମ ଓ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

**ଭଞ୍ଜନଗର, ୪।୪(ସମିସ)**

ଗତ ୪ଦିନ ଧରି ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଯାହା ଫଳରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟକୁ ସକାଳୁ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଚାଲିଥିବାରୁ ଗାଁଠାରୁ ସହର ଉତ୍ସବମୁଖର ହୋଇ ଉଠିଛି। ଘରେ ଘରେ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଭିଡ଼ ଲାଗି ରହିଛି। ଏଭଳି ସ୍ଥିତିରେ ଦିନରେ ପ୍ରଚଣ୍ଡ ରୌଦ୍ରତାପ ଓ ରାତିରେ ତାତି ବଢ଼ିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଭଞ୍ଜନଗର ସହର ସମେତ ଆଖପାଖ ଅଞ୍ଚଳରେ ତାପମାତ୍ରା ୩୭ ଡିଗ୍ରୀ ଉପରେ ଥିବା ଜଣାପଡ଼ିଛି। ଲୋକମାନେ ବାଧ୍ୟହୋଇ ନିଜର ଜରୁରୀ କାମରେ ଘରୁ ବାହାରକୁ ବାହାରୁଛନ୍ତି। ଦିନ ୧୨ଟା ବେଳକୁ ରାସ୍ତାଘାଟରେ ଯାନବାହନ ଓ ଲୋକଙ୍କ ଚଳାଚଳ ବହୁତ ପ୍ରଭାବିତ ହେଉଛି। ବାହାରେ କି ଘରେ ଗରମ ଯୋଗୁଁ ରହିବା ମୁସ୍କିଲ ହୋଇ ପଡ଼ିଛି। ରାତିରେ ମଧ୍ୟ ଘରର ସମସ୍ତ ବ୍ୟବହାର୍ଯ୍ୟ ସାମଗ୍ରୀ ଗରମ ହୋଇ ରହୁଥିବାରୁ ଶୋଇବା କଷ୍ଟକର ହୋଇପଡ଼ିଛି। ସମସ୍ତେ ଛତା, ଟୋପି, ଗାମୁଛା ଓ କଳା ଚଷମା ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେହିପରି ଜୁସ, ଲସି, ସରବତ, ଆଖୁ ରସ, ମୃଦୁ ପାନୀୟ ଓ ପାଣି ବୋତଲ ଦୋକାନରେ ମଧ୍ୟ ଲୋକଙ୍କ ଭିଡ଼ ଲାଗି ରହିଛି। ପଙ୍ଖା, କୁଲର ଓ ଏସିର ଚାହିଦା ମଧ୍ୟ ବଢ଼ିଛି। ଏହି ଗରମରୁ ସାମାନ୍ୟ ଆଶ୍ୱସ୍ତି ପାଇବା ପାଇଁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ମଧ୍ୟ ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି। ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ଥିବା ୱାଟର ପାର୍କରେ ପ୍ରତ୍ୟେକ ଦିନ ୧୦ଟାଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଆଉ ଛୋଟ ଛୋଟ ପିଲାମାନେ ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି। ସେମାନେ ମଧ୍ୟ ସମସ୍ତେ ଏକାଠି ହୋଇ ନିଜ ଘର ପାଖରେ ଥିବା ନଦୀ, ନାଳ ଓ ପୋଖରୀରେ ସାଙ୍ଗହୋଇ ଗାଧୋଇବା ଓ ପହଁରିବାକୁ ବେଶ ପସନ୍ଦ କରୁଛନ୍ତି। ଏଭଳି ପରିସ୍ଥିତିରୁ କେବେ ନିସ୍ତାର ମିଳିବ ତାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି।








## ପ୍ରାର୍ଥୀ ଘୋଷଣା ପରେ ଛତ୍ରପୁର ବିଜେପିରେ ତୀବ୍ର ଅସନ୍ତୋଷ

**ବ୍ରହ୍ମପୁର, ୪।୪(ସମିସ):** ଛତ୍ରପୁର ବିଧାନସଭା ଆସନ ପାଇଁ ବିଜେପି ପକ୍ଷରୁ ମଙ୍ଗଳବାର ଦଳୀୟ ଟିକଟ ଘୋଷଣା ହୋଇଥିଲା। ବିଜେପି ଏସସି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ କୃଷ୍ଣ ନାୟକଙ୍କୁ ପ୍ରାର୍ଥୀ ଭାବେ ଚୟନ କରାଯାଇଥିଲା। ସେହିଦିନଠାରୁ ଛତ୍ରପୁର ବିଜେପିରେ ଅସନ୍ତୋଷ କୁହୁଳି ବର୍ତ୍ତମାନ ଉଗ୍ର ରୁପ ଧାରଣ କରିଛି। ସ୍ଥାନୀୟ ବିଜେପି ନେତା ତଥା ଟିକେଟ ଆଶାୟୀ ପ୍ରଶାନ୍ତ କର ଓ ବନମାଳୀ ସେଠୀଙ୍କ ସମର୍ଥକ ଏହାକୁ ବିରୋଧ କରୁଥିବା ଜଣାପଡ଼ିଛି। କୃଷ୍ଣଚନ୍ଦ୍ର ନାୟଙ୍କ ଟିକଟ କାଟିବାକୁ ଉଭୟ ନେତାଙ୍କ ସମର୍ଥକ ଦାବି କରିଛନ୍ତି। ବନମାଳୀ ସେଠୀଙ୍କ ସମର୍ଥକମାନେ ବୁଧବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ଦଳୀୟ ନେତୃତ୍ୱଙ୍କୁ ଭେଟି ଏଭଳି ଦାବି କରିଥିବା ଜଣାପଡ଼ିଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବନମାଳୀ ସେଠୀଙ୍କୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ କରିବା ନିମନ୍ତେ ସେମାନେ ଦାବି କରିବା ସହିତ ଜଣେ ଜେଲ ଫେରନ୍ତା ତଥା ହତ୍ୟା ଅଭିଯୁକ୍ତଙ୍କୁ କିପରି ବିଧାୟକ ପ୍ରାର୍ଥୀ କରାଗଲା ତାକୁ ନେଇ ସମସ୍ତେ ପ୍ରଶ୍ନ କରିବା ସହ ରାଜ୍ୟ କାର୍ଯ୍ୟାଳୟରେ ନାରାବାଜି କରିଥିବା ଦେଖିବାକୁ ମିଳିଥିଲା।

କୃଷ୍ଣ ନାୟକଙ୍କ ଟିକଟ ନକାଟିଲେ ବନମାଳିଙ୍କ ସମର୍ଥକମାନେ ଦଳରୁ ଇସ୍ତଫା ଦେବା ସହିତ ସ୍ୱାଧୀନ ଭାବେ ଲଢ଼ିବା ନେଇ ଚେତାବନୀ ଦେଇଛନ୍ତି। କୃଷ୍ଣଚନ୍ଦ୍ର ନାୟକଙ୍କ ପ୍ରାର୍ଥୀତ୍ୱକୁ ନେଇ ଅନେକ ମହଲରେ ଅସନ୍ତୋଷ ରହିଥିବା ବନମାଳିଙ୍କ ସମର୍ଥକମାନେ ଦାବି କରିଛନ୍ତି। ଦଳୀୟ ହାଇକମାଣ୍ଡ ପ୍ରାର୍ଥୀ ବଦଳାଇବେ ବୋଲି ସେମାନେ ଆଶା ରଖିଛନ୍ତି। ଏନେଇ ଉଭୟ ପ୍ରଶାନ୍ତ କର କିମ୍ବା ବନମାଳୀ ସେଠୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଟ୍ରେନ୍ ଚକାତଳେ ପଡ଼ି ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର, ୪।୪(ସମିସ):** ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ଜଣେ ମହିଳା ଟ୍ରେନରୁ ଓହ୍ଲାଇବା ବେଳେ ଚକାତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ କୋରାପୁଟ ଜିଲ୍ଲା ଢ଼ଡଗାଁ ଥାନା ପଙ୍କଲାବାଡି ଗ୍ରାମର ବିଳାସ ଗୌଡ(୫୭) ବୋଲି ଜିଆରପି ପୁଲିସ କହିଛି। ବିଳାସ ଓ ତାଙ୍କ ସ୍ୱାମୀ ବୃନ୍ଦାବନ ଗୌଡ ରାଜମହେନ୍ଦ୍ରୀରୁ ବ୍ରହ୍ମପୁର ଆସିବା ପାଇଁ ବୁଧବାର ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରୁ ସନ୍ଧ୍ୟାରେ କନ୍ୟାକୁମାରୀ–ଗୌହାଟୀ ଡିବ୍ରୁଗଡ଼ ଏକ୍ସପ୍ରେସରେ ଚଢ଼ିଥିଲେ। ଭୋରରେ ଉକ୍ତ ଟ୍ରେନଟି ବ୍ରହ୍ମପୁର ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। ହେଲେ ଟ୍ରେନଟି ସମ୍ପୂର୍ଣ୍ଣ ଭାବେ ପ୍ଲାଟଫର୍ମରେ ରହିନଥିବା ବେଳେ ମହିଳା ଜଣଙ୍କ ସେଥିରୁ ଓହ୍ଲାଇ ପଡ଼ିଥିଲେ। ଫଳରେ ସେ ଚକାତଳେ ପଡ଼ିଯାଇଥିଲେ। ସେଠାରେ ନିୟୋଜିତ ଥିବା ଜିଆରପି ପୁଲିସ ତତକ୍ଷଣାତ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ହୁଗୁଳାପଟାଗ୍ରାମ ଯାତ୍ରାରେ ମାରପିଟ୍, ୨ ଗିରଫ

**ବ୍ରହ୍ମପୁର, ୪।୪(ସମିସ):** ସ୍ଥାନୀୟ ହୁଗୁଳାପଟା ଗ୍ରାମରେ ଚାଲିଥିବା ଯାତ୍ରାରେ ଦୁଇ ଯୁବକ ମାରପିଟ ହୋଇଥିଲେ। ଏନେଇ ଉଭୟ ଯୁବକ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗକୁ ଆଧାର କରି ପୁଲିସ ପୃଥକ ପୃଥକ ମାମଲା ରୁଜୁ କରି ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ହୁଗୁଳାପଟା ନୃସିଂହ ମନ୍ଦିର ସାହିର ସିଲୁ ପ୍ରଧାନ(୨୦) ଓ ଗଡୁ ସ୍ୱାଇଁ(୩୦)। ସୂଚନାଯୋଗ୍ୟ ଯେ, କିଛିଦିନ ହେବ ହୁଗୁଳାପଟା ଗ୍ରାମରେ ଯାତ୍ରା ଚାଲିଛି। ଯାତ୍ରା ଯୋଗୁଁ ଏହି ଇଲକାରେ ଭିଡ଼ ପରିଲକ୍ଷିତ ହୋଇଛି। ଗତ ୨ତାରିଖ ରାତି୧୦ଟାରେ ଉକ୍ତ ଗ୍ରାମରେ ନାଚ ଚାଲିଥିବା ବେଳେ ଗଡୁ ସ୍ୱାଇଁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସିଲୁ ପ୍ରଧାନଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ପିନ୍ଧିଥିବା ବଳାରେ ଆକ୍ରମଣ କରିଥଲା। ଏଥିରେ ସିଲୁ ଆହତ ହୋଇଥିଲେ। ଏନେଇ ସିଲୁ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲା। ସେହିପରି ଗଡୁଙ୍କୁ ସିଲୁ ମଧ ଆକ୍ରମଣ କରିବା ଫଳରେ ଗଡୁ ଆହତ ହୋଇଥିଲା। ଏନେଇ ଗଡୁ ଥାନାରେ ଅଭିଯୋଗ କରିଥିଲା। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଉପରୋକ୍ତ ଦୁଇ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

### ସ୍ୱାସ୍ଥ୍ୟ ବିଭାଗ ପରେ ଡିଏମ୍‌ଇଟିଙ୍କ ପକ୍ଷରୁ କଟକଣା

# ବରିଷ୍ଠ ଆବାସିକ ଡାକ୍ତରଙ୍କୁ ପ୍ରାଇଭେଟ୍ ପ୍ରାକ୍ଟିସ୍ ମନା

ବ୍ରହ୍ମପୁର, ୪।୪(ସମିସ)

ରୋଗୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ରୋଗୀସେବା ପାଇଁ ପର୍ଯ୍ୟାପ୍ତ ଡାକ୍ତର ପଦବୀ ସୃଷ୍ଟି ନିମନ୍ତେ ସରକାର ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ଖୋଲିଛନ୍ତି। ଯଦ୍ୱାରା ରାଜ୍ୟରେ ଡାକ୍ତରଙ୍କ ଅଭାବ ଦୂର ହୋଇପାରିବ। ତେବେ ବିଭିନ୍ନ ସମୟରେ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ରୋଗୀଙ୍କୁ ସମୟୋପଯୋଗୀ ଚିକିତ୍ସା ମିଳପାରୁନଥିବା ଦେଖିବାକୁ ମିଳିଛି। ଅର୍ଥ ଲୋଭରେ ବହୁ ଡାକ୍ତର ଡ୍ୟୁଟି ସମୟରେ ପ୍ରାଇଭେଟ୍ ପ୍ରାଟିସ କରୁଥିବା ନଜିର ରହିଛି। ବର୍ତ୍ତମାନ ବିଭିନ୍ନ ମେଡିକାଲ ଓ କଲେଜରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟ ଡାକ୍ତରମାନେ ମଧ ପ୍ରାଇଭେଟ୍ ପ୍ରାଟିସ କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା। ସାଧାରଣତଃ ଜଣେ ରେସିଡେଣ୍ଟ ଡାକ୍ତରଙ୍କ ବିଶେଷ ଅଭିଜ୍ଞତା ନଥିବା ବେଳେ ଅସ୍ତ୍ରୋପଚାର କ୍ଷେତ୍ରରେ ରୋଗୀଙ୍କୁ ବିପଦ ମୁହଁକୁ ଠେଲିଦେବା ଭଳି ଆଶଙ୍କା ସୃଷ୍ଟି ହୋଇଥାଏ। ଯାହାକୁ ନେଇ ଡାଇରେକ୍ଟର ଅଫ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ(ଡିଏମଇଟି) ଗୁରୁତର ସହ ନେଇଛନ୍ତି। ବିଭିନ୍ନ ଘରୋଇ ହସ୍ପିଟାଲ ଓ କ୍ଲିନକ ଗୁଡ଼ିକରେ ବେଆଇନ ଭାବେ ପ୍ରାଇଭେଟ୍ ପ୍ରାଟିସ କରୁଥିବା ସିନିୟର ରେସିଡେଣ୍ଟ ଡାକ୍ତରଙ୍କ ଉପରେ ରୋକ ଲଗାଇଛନ୍ତି। ଏବଂ ଉକ୍ତ ନିର୍ଦ୍ଦେଶନାମାକୁ ଖିଲାପ କରୁଥିବା ସିନିୟର ରେସିଡେଣ୍ଟ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମେଡିକାଲ କଲେଜର ଡିନ ଓ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜିଲ୍ଲାରେ ଥିବା ଘରୋଇ ହସ୍ପିଟାଲ ଓ କ୍ଲିନିକ କର୍ତ୍ତୃପକ୍ଷ ମଧ କୌଣସି ସିନିୟର ରେସିଡେଣ୍ଟ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା ଓ ଅସ୍ତ୍ରୋପଚାର ନକରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇନଥିଲା। ଫଳରେ ବ୍ରହ୍ମପୁର ସହରରେ ଥିବା ବହୁ ଘରୋଇ ହସ୍ପିଟାଲ ଓ କ୍ଲିନିକ କର୍ତ୍ତୃପକ୍ଷ ଏମକେସିଜି ମେଡିକାଲର ବହୁ ସିନିୟର ରେସିଡେଣ୍ଟ ଡାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା ଓ ଅସ୍ତ୍ରୋପଚାର କରୁଥିଲେ। ଗତ କିଛି ମାସ ପୂର୍ବେ ସହରର ଏକ ଘରୋଇ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ହୋଇଥିଲା।

ଜଣେ ବରିଷ୍ଠ ଡାକ୍ତରଙ୍କ ନାମରେ ଏମକେସିଜି ମେଡ଼ିକାଲର ଜଣେ ସିନିୟର ରେସିଡେଣ୍ଟ ଡାକ୍ତର ଉକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରିଥିବା ଜଣାପଡ଼ିଥିଲା। ଏଭଳି ସହରରେ ଥିବା ବହୁ ଘରୋଇ ହସ୍ପିଟାଲରେ

- ଡିନ୍ ଓ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଲେ ଡିଏମ୍‌ଇଟି
- ଘରୋଇ ହସ୍ପିଟାଲ୍‌ଗୁଡ଼ିକ ଉପରେ ରହିବ ନଜର
- ଖିଲାପୀ ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



ସିନିୟର ରେସିଡେଣ୍ଟ ଡାକ୍ତରମାନେ ପ୍ରାଇଭେଟ୍ ପ୍ରାଟିସ କରୁଥିବା ଦେଖିବାକୁ ମିଳିଛି। ତେବେ ଡିଏମଇଟିଙ୍କ ନିର୍ଦ୍ଦେଶନାମାକୁ କିଭଳି ପାଳନ କରାଯାଉଛି ଓ ଖିଲାପିଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା। ଏନେଇ ଏମକେସିଜି ମେଡ଼ିକାଲ କଲେଜ ଅଧକ୍ଷ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ମଧ ଏହି ନିୟମ ରହିଥିଲା। ଏହି ନିୟମ ସମ୍ପର୍କରେ ସମସ୍ତ ସିନିୟର ରେସିଡେଣ୍ଟ ଡାକ୍ତର ଅବଗତ ରହିଛନ୍ତି। ବର୍ତ୍ତମାନ ଡିଏମଇଟି ଏହି ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଯଦି କୌଣସି ସିନିୟର ରେସିଡେଣ୍ଟ ଡାକ୍ତରଙ୍କୁ ପ୍ରାଇଭେଟ୍ ପ୍ରାଟିସ କରୁଥିବା ଜଣାପଡେ ତେବେ ସେ ସମ୍ପର୍କରେ ଡିଏମଇଟିଙ୍କୁ ଅବଗତ କରାଯିବ। ଏହାପରେ ଉକ୍ତ ଡାକ୍ତରଙ୍କ ବିରୁଦ୍ଧରେ ଡିଏମଇଟି ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅନ୍ୟପକ୍ଷରେ ଡିଏମଇଟିଙ୍କ ଏଭଳି ନିର୍ଦ୍ଦେଶନାମାକୁ ଜିଲ୍ଲାର ସମସ୍ତ ଘରୋଇ ହସ୍ପିଟାଲ ଓ କ୍ଲିନିକ୍ କର୍ତ୍ତୃପକ୍ଷଙ୍କୁ ଚିଠି ଜରିଆରେ ଅବଗତ କରାଯିବ। ଏହା ପରେ ଯଦି କେହି ଏଥିରେ ଖିଲାପ କରନ୍ତି ତେବେ ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଉମା ଶଙ୍କର ମିଶ୍ର କହିଛନ୍ତି।

### ଗ୍ରାହକଙ୍କ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ

## ମଣ୍ଡଳ ଡାକ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ଜମାକାରୀ



ବ୍ରହ୍ମପୁର, ୪।୪(ସମିସ)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ମଣିକ୍ୟପୁର ଗ୍ରାମର ବିପିଏମ ଲୋକଙ୍କ ଟଙ୍କା ଆତ୍ମସାତ କରିଥିବା ନେଇ ବହୁ ଜମାକାରୀ ମଣ୍ଡଳ ଡାକ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ତଦନ୍ତ କରିବା ସହ ସେମାନଙ୍କ ଟଙ୍କା ଫେରସ୍ତ ନିମନ୍ତେ ବ୍ରହ୍ମପୁର ମଣ୍ଡଳ ଅଧୀକ୍ଷକଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୪ମସିହାରେ ଉକ୍ତ ଗ୍ରାମର ପୋଷ୍ଟ ଅଫିସରେ ବୀପିଏମ୍ ଭାବେ ଧର୍ମେନ୍ଦ୍ର କୁମାର ପାଢ଼ୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ଗ୍ରାମବାସୀମାନେ ନିଜର ଭବିଷ୍ୟତକୁ ଚିନ୍ତାକରି ଡାକ ଘରେ ସେଭିଂ ଆକାଉଣ୍ଟ, ଆରଡି ଓ ଏଫଡି ଭଳି ବିଭିନ୍ନ ଖାତା ଖୋଲି ସେଥିରେ ବିଭିନ୍ନ କିସ୍ତିରେ ଲକ୍ଷାଧିକ ଟଙ୍କା ଜମା କରିଥିଲେ। ତେବେ ଏହାର କିଛି ମାସ ପରେ ସେମାନଙ୍କ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଏନେଇ ଜମାକାରୀ ମାନେ ପୋଷ୍ଟାଲ ଇନ୍ସପେକ୍ଟର ଥିବା ସ୍ୱାଗତିକା ପାଳ ଏବଂ ଅନ୍ୟ ଅଧିକାରୀମାନେ ତଦନ୍ତ କରି ଫେରିଥିଲେ। ଏହା ସହିତ ସମସ୍ତ ଲୋକଙ୍କ ଟଙ୍କା ଖୁବଶିଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣାକୁ ଇତି ମଧ୍ୟରେ ୧୦ ବର୍ଷ ବିତି ଯାଇଥିଲେ ମଧ କାହାକୁ ଗୋଟିଏ ଟଙ୍କା ମଧ ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଗ୍ରାମର ୧୩ଜଣଙ୍କ ପାଖାପାଖି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସେମାନେ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଆଜି ସେମାନେ ବ୍ରହ୍ମପୁର ମଣ୍ଡଳ ଡାକ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବା ସହ ସେମାନଙ୍କ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ଘଟଣାକୁ ନେଇ ଖୁବଶୀଘ୍ର ତଦନ୍ତ କରି ଜମାକାରୀଙ୍କ ଟଙ୍କା ଫେରାଜିବ ବୋଲି ମଣ୍ଡଳ ଅଧିକ୍ଷକ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି। ଏହା ସହିତ ଉକ୍ତ ବିପିଏମଙ୍କୁ ଏକ ବର୍ଷ ପୂର୍ବେ କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା ସୂଚନା ମିଳିଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଉକ୍ତ ଗ୍ରାମର ରାଜେନ୍ଦ୍ର ପ୍ରଧାନ, ଅର୍ଜୁନ ପ୍ରଧାନ, ଶାନ୍ତିଲତା ପଣ୍ଡା, ଚନ୍ଦ୍ରମା ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ ଓ ରାମଚନ୍ଦ୍ର ସେଠୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### କ୍ରିଷ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ମାମଲା

## ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍

**ବ୍ରହ୍ମପୁର, ୪।୪(ସମିସ):** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରଣା କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ-୩ ରାଜକୁମାର ଦାଶ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ଉଭୟଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ୨ଜଣ ଅଭିଯୁକ୍ତ ହେଲେ ଗଜପତି ଜିଲ୍ଲା ଅଡବା ମୁନାଗୁଡାର ଜୟରାଜ ଦଳବେହେରା(୩୨) ଓ ଅଡବାର ଯୋଶେଫ ରଇତ(୪୦)।

ସୂଚନାଯୋଗ୍ୟ ଯେ, ୨୦୨୧ମସିହା ଫେବୃଆରୀ ୧୫ ତାରିଖରେ ପାଟପୁର ଥାନା ପୁଲିସ ପକ୍ଷରୁ ଭୀମ ନଗରଠାରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଗଜପତି ଜିଲ୍ଲାରୁ ବ୍ରହ୍ମପୁର ଆଡକୁ ଦ୍ରୁତ ଗତିରେ ଆସୁଥିବା ଏକ କାରକୁ ସନ୍ଦେହରେ ଅଟକାଯାଇଥିଲା। ଯାଞ୍ଚ ବେଳେ ସେହି କାର ଭିତରୁ ମୋଟ ୧୦୫ କିଲୋ ଗଞ୍ଜେଇ ମିଳିଥିଲା। ସେହି କାରରେ ବସିଥିବା ଉପରୋକ୍ତ ୨ଚାଲାଣକାରୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ପାଟପୁର ଥାନାରେ ଏକ ମାମଲା ରୁଜୁ କରିଥିଲା ପୁଲିସ। ତେବେ ଗିରଫ ପରଠାରୁ ଉଭୟ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିଲେ। ଏହି ମାମଲାର ବିଚାରଣା ଏଡିଜେ-୩ କୋର୍ଟରେ ଚାଲୁଥିବା ବେଳେ ତଦନ୍ତ ଅଧିକାରୀ ଏସଆଇ ଶୁଭ୍ରଜିତ ସାମନ୍ତରାୟ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣା ବେଳେ ମୋଟ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

## ସହରର ବିଭିନ୍ନ ସ୍ଥାନରେ ଦଣ୍ଡନାଚ

**ବ୍ରହ୍ମପୁର, ୪।୪(ସମିସ):** ଗଞ୍ଜାମ ପ୍ରସିଦ୍ଧ ଦଣ୍ଡନାଟ ଜାରି ରହିଛି। ଏହି କ୍ରମରେ ବ୍ରହ୍ମପୁର ସହରର ବିଭିନ୍ନ ସାହି ଓ ଗଳି କନ୍ଦିରେ ମାନସିକଧାରୀଙ୍କ ଗୃହ ସମ୍ମୁଖରେ ଦଣ୍ଡନାଟ ଅନୁଷ୍ଠିତ ହୋଇଛି। ଏଥିଲାଗି ସହରରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶ ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଯୁବପିଢ଼ିଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ମାନେ ଏହା ଦେଖିବାକୁ ଭିଡ଼ ଜମାଉଛନ୍ତି। ଭକ୍ତି ଭାବନାରେ ସହରବାସୀ ବେଶ୍ ଆନନ୍ଦରେ ଏହି ନାଚ ଉପଭୋଗ କରୁଛନ୍ତି। ଅନ୍ୟପକ୍ଷରେ ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡ ଓ ନାଚଗୀତରେ ବେଶ୍ ଚଳଚଞ୍ଚଳ ପୁରା ସହର। ଗୁରୁବାର ଦିନ ସହରର ହନୁମାନ ବଜାର, ଅଶୋକ ନଗର, ରାମହରି ନଗର, ଆଙ୍କୁଲି, ଲୋଚାପଡ଼ା ଶକ୍ତି ନଗର ସମେତ ସହର ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଦେଖିବାକୁ ମିଳିଥିଲା। ସକାଳୁ ଦଣ୍ଡୁଆମାନେ ମାନସିକ ଧରୀଙ୍କ ଘର ନିକଟରେ ପହଞ୍ଚି ପୂଜା ଅର୍ଚ୍ଚନା କରିବା ସହ ଉକ୍ତ ଅଞ୍ଚଳ ବୁଲିଥିଲେ। ମଧ୍ୟାହ୍ନ ସମତେ ମାନସିକ ଧାରି ଦଣ୍ଡୁଆମାନେ ଧୂଳିଦଣ୍ଡ ବା ଦଣ୍ଡଯାତ୍ରା ପ୍ରଦର୍ଶନ କରିଥିଲେ। ପରେ ଅପରାହ୍ନ ସମତେ ପାଣିଦଣ୍ଡ କରିଥିଲେ। ସନ୍ଧ୍ୟା ସମୟରେ ମାଙ୍କ ଆଳତି କରିବା ସହ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହା ପରେ ରାତ୍ରି ସମୟରେ ଏକ ନିର୍ଦ୍ଦିଷ୍ଟ ମାନସିକ ଦଣ୍ଡୁଆଙ୍କୁ କାଳିନାଚ ହୋଇଥିଲା। ଅନ୍ୟପକ୍ଷରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ସ୍ଥାନରେ ସାମାଜିକ ନାଟକ ପରିବେଷଣ ହୋଇଥିଲା। ଏହି ସମୟରେ ଦର୍ଶକଙ୍କ ବେଶ୍ ଭିଡ ପରିଲକ୍ଷିତ ହେଇଥିଲା।



# ଶପଥ ନେଲେ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା

ବ୍ରହ୍ମପୁର, ୪।୪(ସମିସ)



- ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କଲେ
- ମିଳିମିଶି କାମ କରିବାକୁ ଦୃଢ଼ ସଂକଳ୍ପ

ଗଞ୍ଜାମ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ନିର୍ବାଚନ ଅଧିକାରୀ ଅନିଲ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଓକିଲ ସଂଘ ପ୍ରକୋଷ୍ଠରେ ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ନୟନଚନ୍ଦ୍ର ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଓ ସହସମ୍ପାଦକ ଗିରିଜା ଶଙ୍କର ବେହେରା, ପୁରୁଷ କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ କୁମାର ପାତ୍ର, ପ୍ରଭାତ କୁମାର ପାତ୍ର, ମନୋଜ ନାୟକ, ପ୍ରଭାତ କୁମାର ନାୟକ, ନିରଞ୍ଜନ ବେହେରା, ରାଜେଶ କୁମାର ରାଉଳ ଓ ମହିଳା କାର୍ଯ୍ୟକାରିଣୀ ମିରାବାଇ ପାଣିଗ୍ରାହୀଙ୍କୁ ନିର୍ବାଚନ ଅଧିକାରୀ ଶପଥ ପାଠ କରାଇଥିଲେ। ସେହିପରି ପୂର୍ବତନ ସଭାପତି ମିନତୀ ରଥ, ଉପସଭାପତି ଏମ.ଚନ୍ଦ୍ର ଶେଖର, ସମ୍ପାଦକ ଶିବ ନାରାୟଣ ସାହୁ, ସହସମ୍ପାଦ ତାପସ କୁମାର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏ ଅବସରରେ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଦାଇତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସଭାପତି ଓ ଅନ୍ୟକର୍ମକର୍ତ୍ତାମାନେ ସୂଚାରୁ ରୂପେ ଦାଇତ୍ୱ ନିର୍ବାହ କରିଥିବାରୁ ନିର୍ବାଚନ ଅଧିକାରୀ ଅନିଲ ପଣ୍ଡାଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ନବ-ନିର୍ବାଚିତ କର୍ମକର୍ତ୍ତାମାନେ ସଂଘର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାସହ ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବର୍ତ୍ତମାନ କୋର୍ଟ ସ୍ଥାନାନ୍ତରକୁ ନେଇ ବହୁ ଆଇନଜୀବୀ ଏକତ୍ରିତ ହୋଇଛନ୍ତି। ସମସ୍ତ ମିଳିମିଶି କାମ କରିବା ସହିତ ସମୟାନୁଯୋଗୀ ପଦକ୍ଷେପ ଓ ନିଷ୍ପତି ଗ୍ରହଣ ସହିତ କର୍ମକର୍ତ୍ତାମାନେ ଏଠାରେ କହିଛନ୍ତି। ବାର'ର ଉନ୍ନତି ପାଇଁ କେତେ ଟଙ୍କା କେଉଁ ବାବଦକୁ ଖର୍ଚ୍ଚ ହେବ ତାହା ସଂଘ କାର୍ଯ୍ୟାଳୟ ସମ୍ମୁଖରେ ନୋଟିସ ମରାଯିବ ବୋଲି ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଉପସ୍ଥିତ ଆଇନଜୀବୀଙ୍କୁ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, କପିଳେଶ୍ୱର ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ, ଅଶୋକ ଶୁକ୍ଳ, ନିର୍ମଳ ସାହୁ, ଶିତାଂଶୁ ପଣ୍ଡା, ବଂଶୀପାଳ, ଡ଼ି ନାଗେଶ୍ୱର ରାଓ, ପ୍ରଦୀପ କୁମାର ବେହେରା, ମାଗୁଣି ପଲେଇ, ରଘୁ ପାଣିଗ୍ରାହୀ, କୃଷ୍ଣ ସାହୁ, ଅରୁଣ ବିଶ୍ୱାଳ, ପ୍ରଦୀପ ପଟ୍ଟନାୟକ, ଶରତ ଚନ୍ଦ୍ର ଦାସ, କରୁଣାକର ପାଣିଗ୍ରାହୀ, ମୁରଲୀ ସାହୁ, ପ୍ରଭୁଦତ ଆଚାର୍ଯ୍ୟ, ହୀରକ ରଥ, ମୋହନ ସିଙ୍ଗାରି, ସନ୍ତୋଷ ମହାନ୍ତି, ବରୁଣ ଗୌଡ଼, ବାପୁଜୀ ପଟ୍ଟନାୟକଙ୍କ, ମଳୟ କୁମାର ଦାଶ, ଅସିତ ସାବତ, ସୁଧୀର ମିଶ୍ର, ସୁଶୀଲ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଚୌଧୁରୀ, ପ୍ରସାଦ ଦୋରା, ଆରକେ ଦେଓ, ସୋରଜ ଗୌଡ଼ଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କ ନିଆରା କଳାକୃତି

## କାଠରେ ନିର୍ମାଣ କଲେ ଲେଦ୍ ମେସିନ

**ବ୍ରହ୍ମପୁର, ୪।୪(ସମିସ):** ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂତନ କଳାକୃତି ନିର୍ମାଣ କରି ବ୍ରହ୍ମପୁର ଆଇଟିଆଇ ବେଶ୍ ସୁନାମ ଅର୍ଜନ କରିଛି। ବର୍ତ୍ତମାନ ଏଠାରେ ଅଧ୍ୟୟନ କରିଥିବା ସୁଇଟି ମହାରଣା କାଠରେ ଏକ ଲେଦ୍ ମେସିନ ନିର୍ମାଣ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି। ଉକ୍ତ ମେସିନ ନିର୍ମାଣ ନିମନ୍ତେ ତାଙ୍କୁ ୫ଦିନ ସମୟ ଲାଗିଥିଲା। ଏହା ଦ୍ୱାରା ସୋଲରେ ବିଭିନ୍ନ ସାଜସଜ୍ଜା ଉପକରଣ ପ୍ରସ୍ତୁତି ହୋଇପାରିବ। ସୁଇଟିଙ୍କ ଘର କଳାହାଣ୍ଡି ଜିଲ୍ଲା କେସିଙ୍ଗା ହୋଇଥିବା ବେଳେ ସେ ଇଲେକଟ୍ରୋନିକ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି। ତାଙ୍କ ଭାଇ ମଧ ବ୍ରହ୍ମପୁର ଆଇଟିଆର ଜଣେ ଛାତ୍ର ଥିବା ବେଳେ ତାଙ୍କଠାରୁ ସେ ଅନୁପ୍ରାଣୀତ ହୋଇ ଏହି ଲେଥ୍ ମେସିନ ନିର୍ମାଣ କରିଛନ୍ତି। ଯାହାକୁ ନେଇ ଅନୁଷ୍ଠାନର ଅଧକ୍ଷ ଡ଼. ରଜତ କୁମାର ପାଣିଗ୍ରାହୀ ବେଶ ପ୍ରଶଂସା କରିଛନ୍ତି। ଏହା ସହ ଛାତ୍ରୀଙ୍କ ଜ୍ଞାନକୌଶଳ ଅଧିକ ମାତ୍ରାରେ ବୃଦ୍ଧି ନିମନ୍ତେ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି।



# ବେଲପଦର ବାଳିକା ସେବାଶ୍ରମରେ ଛାତ୍ରୀଙ୍କ ମୃତ୍ୟୁ

**ଫିରିଙ୍ଗିଆ,୪।୪(ସମିସ)**

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଥିବା ସେବାଶ୍ରମ ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା ବଢ଼ିବାରେ ଲାଗିଛି। ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତର ବେଲପଦରରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ବିଦ୍ୟାଳୟରେ। ମୃତ ଛାତ୍ରୀ ଜଣକ ବିଦ୍ୟାଳୟର ଛାତ୍ରୀନିବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସେ କଟ୍ରୀଙ୍ଗିଆ ପଞ୍ଚାୟତ କଲିମୁଣ୍ଡା ଗାଁର ଅନନ୍ତ ଦେହୁରୀଙ୍କ ଝିଅ ଶୁଭଲକ୍ଷ୍ମୀ ଦେହୁରୀ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ ଗତ ତିନି ତାରିଖ ଦିନ ଶୁଭଲକ୍ଷ୍ମୀଙ୍କ ଦେହ ଖରାପ ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସାପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତ କିଛିଦିନ ଆଗରୁ ମଧ୍ୟ ଶୁଭଲକ୍ଷ୍ମୀର ଦେହ ଖରାପ ହୋଇଥିଲା। ଖବରପାଇ ତାଙ୍କ ମା' ତାରାବତି ଦେହୁରୀ ଓ ବାପା ଅନନ୍ତ ଦେହୁରୀ ଶୁଭଲକ୍ଷ୍ମୀକୁ ଆଣିବାକୁ ବିଦ୍ୟାଳୟକୁ ଯାଇଥିଲେ। କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଘରକୁ ଛାଡି ନ ଥିଲେ। ମୃତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀଙ୍କ ପରିବାର ଲୋକଙ୍କୁ କୌଣସି ଖବର ନ ଦେଇ ରାତିଅଧିଆ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ବୋଲି




ଅଭିଯୋଗ ହୋଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ରୁପଶ୍ରୀ ଦିଗାଲ ପରିବାର ଲୋକଙ୍କୁ ଜଣାଇଥିଲେ। ଏଥିଯୋଗୁଁ ପରିବାର ଲୋକେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଠିକ୍ ସମୟରେ ଖାଇବାକୁ ନ ଦେବା ଯୋଗୁଁ ଏପରି ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ କୌଣସି ତଥ୍ୟ ଦେଇପାରିବି ନାହିଁ ବୋଲି ସିଧାସଳଖ ମନା କରିଦେଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟତା ଜଣାପଡ଼ିବ ବୋଲି କହିଛନ୍ତି। ଘଟଣା ବିଷୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପ୍ରଶ୍ନ କରାଯିବାରେ ଏହା ଏକ ଦୁଃଖଦ ଘଟଣା। ଏ ସମ୍ପର୍କରେ ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ମୃତ ଛାତ୍ରୀଙ୍କ ଭାଇ ଗୋଛାପଡା ଥାନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବହେଳା ପାଇଁ ଛାତ୍ରୀର ମୃତ୍ୟୁ ହୋଇଥିବା ଏକା ଲିଖିତ ଅଭିଯୋଗ କଲାପରେ ଗୋଛାପଡା ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଶାନ୍ତିଲତା ବାରିକଙ୍କୁ ଭକ୍ତି ସଙ୍ଗୀତ ସଂସଦ ପରିବାରର ଶ୍ରଦ୍ଧାଞ୍ଜଳି




**ପାରଳାଖେମୁଣ୍ଡି,୪।୪(ସମିସ):** ପାରଳାଖେମୁଣ୍ଡିର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଭକ୍ତି ସଙ୍ଗୀତ ସଂସଦ ପରିସରରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଏକାଡେମୀର ସଦସ୍ୟ ସଙ୍ଗୀତ ଗୁରୁ ରଘୁନାଥ ପାତ୍ର ଓ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଓ ସାହିତ୍ୟିକ ତଥା ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଭ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦେଇ ସଙ୍ଗୀତ ଜଗତର ଏକ ଉଜ୍ଜ୍ୱଳ ତାରକାଙ୍କ ଅନ୍ତ ଘଟିଥିବା ସହ ଏହା ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଥିଲେ। ଏଥିସହ ଆଇନଜୀବୀ ଇତିଶ୍ରୀ ମହାପାତ୍ର ଓ ଶିକ୍ଷୟିତ୍ରୀ ବବିତା ପୁରୋହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସଭାରେ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ଶାନ୍ତିଲତା ବାରିକଙ୍କ ସୁମଧୁର ଭଜନ ପରିବେଷଣ କରିଥିଲେ। ଶୋକସଭାକୁ ରାଜେନ୍ଦ୍ର କୁମାର ରଥ, ଗିରୀଶ ଚନ୍ଦ୍ର ରଥ ଓ ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପାରଳା ବିଧାୟକ ପ୍ରାର୍ଥୀ ରୂପେଶ ପାଣିଗ୍ରାହୀ



**ପାରଳାଖେମୁଣ୍ଡି,୪।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ। ଗୁରୁବାର ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ। ନିର୍ବାଚନରେ ନିଶ୍ଚିତ ବିଜୟ ହାସଲ କରି ଲୋକଙ୍କ ସେବା କରିବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ବୁଧବାର ତୃତୀୟ ପର୍ଯ୍ୟାୟରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ଟିକେଟ ଦିଆଯାଇଛି। ଏନେଇ ବିଜେଡି ଶିବିର ବେଶ ଉତ୍ସାହିତ ହୋଇଥିବା ବେଳେ ପାରଳା ବିଧାନସଭା ମଣ୍ଡଳୀ ପାଇଁ ବିଜେଡିର ସମସ୍ତ ନେତା ଓ କର୍ମୀ ଏକତ୍ର ହୋଇ କାମ କରିବେ ଏବଂ ଶ୍ରୀ ପାଣିଗ୍ରାହୀଙ୍କୁ ବିଜୟୀ କରାଇବା ପାଇଁ ଉଦ୍ୟମ କରିବେ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ଗଜପତିରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ବଢୁଛି ଅସନ୍ତୋଷ



**ଗୁମ୍ମା,୪।୪(ସମିସ):** ବ୍ରହ୍ମପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଗଜପତି ଜିଲ୍ଲାରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ପ୍ରଦୀପ ଦୀର୍ଘ ବର୍ଷ ଧରି ଗଜପତି ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ ଦଳର ବିକାଶ ପାଇଁ କର୍ମୀଙ୍କୁ ବାଟ ଦେଖାଇ ନଥିଲେ। ପର୍ଯ୍ୟବେକ୍ଷକ ଥିବା ସମୟରେ କୌଣସି ସମସ୍ୟା ସମ୍ପର୍କରେ ଅଭିଯୋଗ କରାଗଲେ ଅଭିଯୋଗପତ୍ର ଚିରି ଦେଇଥିବା ଅଭିଯୋଗ ରହିଛି। ତାଙ୍କରି ସମୟରେ ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ଗଜପତି ଜିଲ୍ଲାର ଦୁଇଟି ଯାକ ଆସନ ଯଥା ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ବିଜେଡିକୁ ପରାଜୟ ବରଣ କରିବାକୁ ପଡିଥିଲା। ଦଳରେ ଥାଇ ସେ ଦଳର ନେତା ଓ କର୍ମୀଙ୍କ ପ୍ରତି ବିଶ୍ୱାସଘାତକତା ବା ଅନ୍ତର୍ଘାତୀ କାର୍ଯ୍ୟ କରିଥିବା ଅଭିଯୋଗ ରହିଛି। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଓ ମୋହନା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଯାହାଫଳରେ ଗଜପତି ଜିଲ୍ଲାର ଦୁଇଟି ବିଧାନସଭା ଆସନ ବିରୋଧୀ ହାତେଇବାରେ ସକ୍ଷମ ହୋଇଥିଲେ। ପ୍ରଦୀପ କ୍ଷମତାର ଦୁର୍ବ୍ୟବହାର କରି ବିଜେଡିରେ ବିଶୃଙ୍ଖଳା ଓ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଥିବା ଅଭିଯୋଗ କରିଛନ୍ତି ପାରଳାଖେମୁଣ୍ଡି ଓ ଗୁମ୍ମା ଅଞ୍ଚଳର କିଛି ନେତା ଓ କର୍ମୀ। ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଗଜପତି ଜିଲ୍ଲାରେ ବିଜେଡି ଲୋକପ୍ରିୟତା ଅର୍ଜନ କରିଥିବା ସେମାନେ କହିଛନ୍ତି। ବର୍ତ୍ତମାନ ଗଜପତି ଜିଲ୍ଲାରେ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଭାବେ ମାନସ ରଞ୍ଜନ ମଙ୍ଗରାଜଙ୍କ ହାତରେ ବିଜେଡି ଦାୟିତ୍ୱ ନ୍ୟସ୍ତ କରିବା ପରଠାରୁ ଜିଲ୍ଲାରେ ଦଳର ସାଙ୍ଗଠନିକ ସ୍ଥିତିରେ ବେଶ ପରିବର୍ତ୍ତନ ହେବା ସହ ସୁଦୃଢ ହୋଇପାରିଛି। ଯାହାକୁ ଆଧାର କରି ଆସନ୍ତା ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଦୀପଙ୍କୁ ଗଜପତି ଜିଲ୍ଲାବାସୀ ଉଚିତ ଜବାବ ଦେବା ସହ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ବିଜେଡି ବିଜୟୀ ହେବ ବୋଲି କହିଛନ୍ତି।

## ୧୦୯୧ କେଜି ଗଞ୍ଜେଇ ଜବତ

**ଫିରିଙ୍ଗିଆ,୪।୪(ସମିସ):** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ପୁଲିସ ଦୁଇ ଜାଗାରେ ଚଢ଼ଉ କରି ୧୦୯୧ କିଲୋ ଗଞ୍ଜେଇ ଜବତ କରିଛି। ଗୋଛାପଡା ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମେ ଥାନାରେ କାର୍ଯ୍ୟରତ ଏସ୍ଆଇ ସୃତିସାଗର ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ସଲାଗୁଡା ପଞ୍ଚାୟତ ବଦାପାଜୁ ଗାଁର ମାୟାଧର କହଁର ନାମକ ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ଉ କରି ଚାଲାଣ ପାଇଁ ରଖାଯାଇଥିବା ୯୦୮ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଘରମାଲିକ ଫେରାର ହୋଇଯାଇଥିଲା। ସେଇଭଳି ଏସ୍ଆଇ ଦୀପକ ଦଳେଇଙ୍କ ନେତୃତ୍ୱରେ ମୁସୁଲି ପାଙ୍ଗା ଗାଁ ନିକଟରେ ଥିବା ଜଙ୍ଗଲରେ ପୁଲିସ ଚଢ଼ଉ କରି ଏକ ଝାଟିମାଟି କୁଡ଼ିଆରେ ରଖାଯାଇଥିବା ୧୮୩ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ସେହି ଜାଗାରୁ ମଧ୍ୟ ମାଫିଆ ଫେରାର ହୋଇଯାଇଥିଲା।

## ଆଜିଠୁ ଗୌଡ଼ ସାହି ଠାକୁରାଣୀ ଯାତ୍ରା

# ବାପଘରକୁ ଆସିବେ ମା' ସାଆନ୍ତାଣୀ; ଗାଁ ଉତ୍ସବମୁଖର



**ରାୟଗଡ଼,୪।୪(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ଗୌଡ଼ ସାହିରେ ମା' କମଳା ଦେବୀଙ୍କ ଯାତ୍ରା ଶୁକ୍ରବାରରୁ ଆରମ୍ଭ ହେଉଛି। ବାପା ଘରକୁ ଆସିବେ ମା' ସାଆନ୍ତାଣୀ। ଏଥିନିମନ୍ତେ ପୂରା ଗାଁ ଉତ୍ସବମୁଖର ହୋଇଛି। ଅସ୍ଥାୟୀ ମଣ୍ଡପ ନିର୍ମାଣ ଶେଷ ହୋଇଛି। ଶାଶୂ ଘରରୁ ବାପା ଘରକୁ ଆସିଥାନ୍ତି ମା'। ଯାହାକୁ ନେଇ ଯାତ୍ରା ଆୟୋଜିତ ହୋଇଥାଏ। ବାପ ଘର ନିକଟ ଅସ୍ଥାୟୀ ମଣ୍ଡପରେ ରହି ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେଇଥାନ୍ତି। ମା'ଙ୍କ ଆଗମନ ପାଇଁ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ଲାଗିରହିଥାଏ। ପ୍ରାୟ ୧୮ ବର୍ଷ ପରେ ଉକ୍ତ ସାହିରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ ହୋଇଛି ସାହି। ପ୍ରତ୍ୟେକ ଦିନ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି,୪।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମନିକଟସ୍ଥ ନିର୍ମାଣାଧୀନ ଏକ ଦୋକାନ ଘର ପିଣ୍ଡାରେ ଜଣେ ଯୁବକଙ୍କ ମୃତଦେହକୁ ଗାରାବନ୍ଧ ପୁଲିସ ଉଦ୍ଧାର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମୃତ ଯୁବକ ଜଣକଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ବତ୍ରକଭୁରୁ ମଣ୍ଡଳର ଡକୁଲାପାଡୁ ଗ୍ରାମ ଏବଂ ତାଙ୍କ ନାମ ଆମ୍ବାତି ରାଜୁ (୩୫) ବୋଲି ଜଣାପଡିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଏବଂ ଉଦ୍ଧାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଗାରାବନ୍ଧ ଥାନା ସୂତ୍ରରୁ ପ୍ରକାଶ।

## କାର୍ ସହ ୩୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

**ଜି.ଉଦୟଗିରି,୪।୪(ସମିସ):** ସାଧାରଣ ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିଥିବା ସତ୍ତ୍ୱେ ଗଞ୍ଜେଇ ଚୋରା ଚାଲାଣ ବୃଦ୍ଧି ପାଉଛି। ଗୁରୁବାର ଫିରିଙ୍ଗିଆରୁ ଏକ କାର୍ ଯୋଗେ ୩୦ କେଜି ୩୦୦ ଗ୍ରାମ ଗଞ୍ଜେଇ ନେଇ ଭଞ୍ଜନଗର ଅଭିମୁଖେ ଯାଉଥିବା ଗାଡ଼ିକୁ ଜି.ଉଦୟଗିରି ପୁଲିସ ଧରିଥିଲା। ଏସ୍ଆଇ ଅନନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗାଡ଼ିକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଗଞ୍ଜେଇ ସହିତ କାର୍‌କୁ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# କଳିଙ୍ଗା ଯାତ୍ରୀ ବିଶ୍ରାମାଗାରରେ ନାହିଁ ପାନୀୟଜଳ ବ୍ୟବସ୍ଥା




**ଜି.ଉଦୟଗିରି,୪।୪(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା ଏକ ପ୍ରମୁଖ ଜନଗହଳି ସ୍ଥାନ ହୋଇଥିବା ବେଳେ ଏଠାରେ ଥିବା ଯାତ୍ରୀ ବିଶ୍ରାମାଗାରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଅସହ୍ୟ ଖରାରେ ଲୋକେ ପାନୀୟ ଜଳ ପାଇଁ ତହଲବିକଳ ହେଉଛନ୍ତି। କଳିଙ୍ଗା କନ୍ଧମାଳର ପ୍ରବେଶ ପଥ। ଫୁଲବାଣୀ, ପଶ୍ଚିମ ଓଡ଼ିଶା, ବାଲିଗୁଡ଼ା ଓ ଜି. ଉଦୟଗିରି ଯିବା ପାଇଁ ଯାତ୍ରୀ ଏଠାରେ ଅପେକ୍ଷା କରି ରହିଥାନ୍ତି। ଏହା ସହିତ ପର୍ଯ୍ୟଟନସ୍ଥଳୀ ଭାବରେ ଗହଳି ଚଳିତ ଲାଗି ରହିଥାଏ। ତେଣୁ ଏହି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାୟୀ ଶୀତଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କାଶୀନଗର ଥାନା ଅଧିକାରୀ ସମ୍ମାନିତ



**କାଶୀନଗର,୪।୪(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଆଇଆଇସି ଗୋବିନ୍ଦ ଗୌଡ଼ଙ୍କୁ ଓଡ଼ିଶା ପୁଲିସର ୮୯ତମ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯାଇଛି। ସେ ଡିଜିପିଙ୍କ ଡିସ୍କ ଆୱାର୍ଡ ପାଇଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ଗୌଡ଼ ୩ ମାର୍ଚ୍ଚ ୧୯୮୮ରେ କନେଷ୍ଟବଲ୍ ଭାବେ ପ୍ରଥମେ ବ୍ରହ୍ମପୁରରେ କାର୍ଯ୍ୟାରମ୍ଭ କରିଥିଲେ, କ୍ରମଶଃ ପ୍ରମୋସନ ପାଇ ବର୍ତ୍ତମାନ ଆଇଆଇସି ରୂପେ କାଶୀନଗର ଥାନାରେ କାର୍ଯ୍ୟରତ ଅଛନ୍ତି। ଅବସର ନେବା ପାଇଁ ଆଉ ମାତ୍ର ଦୁଇ ମାସ ବାକିଥିବା ବେଳେ ତାଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ମିଳିଥିବା ଯୋଗୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଜପତି ଏସ୍‌ପି ସ୍ୱାତୀ ଏସ୍ କୁମାର ଶ୍ରୀ ଗୌଡ଼ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ସେ ଚାକିରି କାଳ ଭିତରେ ମୋଟ ୧୮୫ଟି ସମ୍ମାନ ପାଇଥିବା ଜଣାପଡ଼ିଛି। ସବ୍‌ଇନ୍ସପେକ୍ଟର ରବୀନ୍ଦ୍ର କୁମାର ପ୍ରଧାନ, ସବିତା ମହାନ୍ତି, ଏଏସ୍ଆଇ ମନୋଜ କୁମାର ପାଢ଼ୀ, ଏଲ୍ ଭି ପ୍ରସାଦ, ଅଭିମନ୍ୟୁ ପଲେଇ ପ୍ରମୁଖ ଶ୍ରୀ ଗୌଡ଼ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖାଣ୍ଡବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅର୍ଥ ହେର୍‌ଫେର୍ ଅଭିଯୋଗ

**କାଶୀନଗର,୪।୪(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ଖାଣ୍ଡବା ଗ୍ରାମରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖାରେ ଅର୍ଥ ହେରଫେର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶାଖା ପରିଚାଳକ ଦୁର୍ଯ୍ୟୋଧନ ପଟେଲ ମୋଟ ୧ କୋଟି ୭୭ ଲକ୍ଷ ୭୦ ହଜାର ୨୦୦ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି। ଆଞ୍ଚଳିକ ମ୍ୟାନେଜର ଲକ୍ଷ୍ମୀ ନାରାୟଣ ସାସମଲ ଏ ସମ୍ପର୍କରେ ଜାଣିବା ପରେ କାଶୀନଗର ଥାନାରେ ଏତଲା ଦେଇଥିବା ନେଇ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ସୂଚନା ଦେଇଛନ୍ତି। ଏସପି ସ୍ୱାତୀ ଏସ କୁମାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସଡିପିଓ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ କାଶୀନଗର ପୁଲିସ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଉକ୍ତ ବ୍ୟାଙ୍କର କ୍ୟାସିଅର ତଥା ଅଫିସ୍ ଆସିଷ୍ଟାଣ୍ଟ ଯୁବରାଜ ମାଝୀଙ୍କୁ ପୁଲିସ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ଶାଖା ପରିଚାଳକ ଶ୍ରୀ ପଟେଲ ବିଭିନ୍ନ ଜାଲିଆତି ଭାଉଚର୍ ଦେଖାଇ ବ୍ୟାଙ୍କରୁ ଟଙ୍କା ହେରଫେର କରିଥିବା ବେଳେ ନିଜ ପତ୍ନୀ କିମ୍ବା ପୁଅର ଶରୀର ଅସୁସ୍ଥ ଅଛି କହି ସେଠାକାର ଅଞ୍ଚଳର ଲୋକଙ୍କଠାରୁ ଦୁଇ ଲକ୍ଷରୁ ଅଧିକ ଟଙ୍କା ଧାର ଆକାରରେ ନେଇ ଫେରାଇ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବହୁ ଖାତାଧାରୀଙ୍କ ଟଙ୍କା ହେରଫେର ହେଇଥିବା ବେଳେ ବର୍ତ୍ତମାନ୍ ଶାଖା ପରିଚାଳକ ଫେରାର ରହିଥିବା ଜଣାପଡ଼ିଛି। ପୁଲିସ ଅଧିକ ତଦନ୍ତ ଜାରି କରିବା ସହ ଉକ୍ତ ବ୍ୟାଙ୍କର କାଗଜପତ୍ର ଜବତ କରି ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ଶ୍ରୀ ଗୌଡ଼ କହିଛନ୍ତି।




## କର୍କଟ ରୋଗରେ ପୀଡ଼ିତ ଅନ୍ତିମା

# ଚିକିତ୍ସାରେ ଅର୍ଥାଭାବ ସାଜିଛି ବାଧକ

**ଜି.ଉଦୟଗିରି,୪।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ପଞ୍ଚାୟତ କାଣିକୁଟି ଗ୍ରାମର ଅନ୍ତିମା ପ୍ରଧାନ। ଦୀର୍ଘ ମାସ ହେଲା କର୍କଟ ରୋଗରେ ପୀଡ଼ିତ। ଏଣେ ତେଣେ ଚିକିତ୍ସା କରାଇ ତାଙ୍କ ପରିବାର ଏବେ ସର୍ବସ୍ୱାନ୍ତ। ମୂଲ ଲାଗିଲେ ପେଟ ପୁରୁଥିବା ପରିବାର ପାଇଁ ଏବେ ଅର୍ଥାଭାବ ସାଜିଛି ଅନ୍ତିମାଙ୍କ ଚିକିତ୍ସାରେ ବାଧକ। ସ୍ୱାମୀ, ତିନି ପୁଅ କଷ୍ଟକର ଜୀବନ ବିତାଉଥିବା ବେଳେ ଏବେ କର୍କଟ ରୋଗର ଚିକିତ୍ସା ଚିନ୍ତା ବଢ଼ାଇଛି। କର୍କଟ ରୋଗରେ ଶେଷ ଅବସ୍ଥା ଦେଇ ଅନ୍ତିମା ଗତି କରୁଥିବା ବେଳେ ଡାକ୍ତର ସ୍ୱତନ୍ତ୍ର କର୍କଟ ଚିକିତ୍ସାଳୟରେ କେମୋ ଦେବା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ପରିବାରର ଆର୍ଥିକ ସମ୍ବଳ ନ ଥିବାରୁ ବଡ଼ କର୍କଟ ଚିକିତ୍ସାଳୟକୁ ତାଙ୍କୁ ନେବା ପାଇଁ ସାହାସ ପାଉନି।

## ସହାୟତା ପାଇଁ ପରିବାରର ନିବେଦନ

ଉତ୍ତମ ଚିକିତ୍ସା ପାଇଁ ସରକାର, ସ୍ୱେଚ୍ଛାସେବୀ ସଂଗଠନ ସହିତ ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ପରିବାର ଲୋକ ନିବେଦନ କରିଛନ୍ତି। ସହାୟତା ମିଳିଲେ ଅନ୍ତିମ ସମୟରେ ଜୀବନ ସହିତ ସଂଘର୍ଷ କରୁଥିବା ଅନ୍ତିମାଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି କୁହାଯାଇଛି।



# ପ୍ରଚାର ମଇଦାନରେ ଦୁଇ ବିଜେଡି ପ୍ରାର୍ଥୀ

**ଆସିକା, ୪।୪(ସମିସ):** ବିଜେଡିରୁ ଟିକେଟ ପାଇବା ପରେ ଦଳୀୟ ପ୍ରାର୍ଥୀ ଜୋର୍‌ଦାର୍ ପ୍ରଚାର ଆରମ୍ଭ କରିଛନ୍ତି। ହଜାର ହଜାର ସମର୍ଥକଙ୍କୁ ନେଇ ଛିନ୍ନମସ୍ତା ଓ ମା' ଖମ୍ବେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଓ ଆସିକା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ। ଆସିକା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ପାଇବା ପରେ ପ୍ରଥମ ଥର ପାଇଁ ନିର୍ବାଚନୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ। ଉଭୟେ ପ୍ରଥମେ ମା' ଛିନ୍ନମସ୍ତାଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ପରେ ସମର୍ଥକ ଓ ଶୁଭେଚ୍ଛୁଙ୍କୁ ନେଇ ଏକ ବିଶାଳ ବାଇକ୍ ରାଲିରେ ବାହାରି ପ୍ରଥମେ ଗୁଡ଼ିଆଲି ଛକ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପଥରା ବସ୍‌ଷ୍ଟାଣ୍ଡଠାରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସ୍ୱାମୀ ପୂର୍ବତନ ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଗକୁ ନିର୍ବାଚନ ଲଢ଼େଇ ଜୋର୍‌ଦାର ହେବ। ପୂର୍ବ ଥର ପରି ଏଥର ମଧ୍ୟ ବିଜେଡି ବିପୁଳ ଭୋଟରେ ବିଜୟ ଲାଭ କରିବା ନେଇ ଆଶା ରଖିଛନ୍ତି ଉଭୟ ପ୍ରାର୍ଥିନୀ।



# ଯୁବତୀଙ୍କ ହାତରୁ ମୋବାଇଲ୍ ଝାମ୍ପି ନେଲେ ଦୁର୍ବୃତ୍ତ

- ଡିଲା ପାଟ୍ରୋଲିଂ ଯୋଗୁଁ ବୃଦ୍ଧିପାଉଛି ଚୋରି ଓ ଲୁଟ୍ ଘଟଣା
- ସହରରେ ପଲସର ବାଇକ୍ ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ

ବ୍ରହ୍ମପୁର, ୪।୪(ସମିସ)

ସହର ଓ ସହରର ଉପକଣ୍ଠରେ ଏବେ ସକ୍ରିୟ ହୋଇ ଉଠିଛନ୍ତି ଏକାଧିକ ଲୁଟେରା ଗ୍ୟାଙ୍ଗ। ଦିନ ଦ୍ୱିପହରରେ ସେପୁଣି ଜନଗହଳି ସ୍ଥାନରୁ ଲୁଟ ଓ ଛିନତାଇ ଭଳି ଅପରାଧ ଭିଆଇ ପୁଲିସକୁ ଦେଉଛନ୍ତି ଖୋଲାଖୋଲି ଚାଲେଞ୍ଜ। ଗତ କିଛି ସପ୍ତାହ ଧରି ସହରରେ ବିଭିନ୍ନ ଥାନା ଇଲାକାରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଲୋକଙ୍କ ଠାରୁ ମୋବାଇଲ, ମନିପର୍ସ ଓ ଟଙ୍କା ଲୁଟ କରୁଥିବା ନଜିର ରହିଛି। ଅନେକ ସମୟରେ ଲୁଟେରାଙ୍କ ଆକ୍ରମଣର ଶୀକାର ମଧ୍ୟ ହୋଇଛନ୍ତି ଅନେକ ବ୍ୟକ୍ତି ଓ ମହିଳା। ଯାହାକୁ ନେଇ ସହରରେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଢିଲା ନାଇଟ ପେଟ୍ରୋଲିଂ ଯୋଗୁଁ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସମଗ୍ର ଗଞ୍ଜାମ ଜିଲ୍ଲା ଓ ପଡୋଶୀ ଜିଲ୍ଲାମାନଙ୍କରେ ଗଞ୍ଜାମର ଗଣପର୍ବ ଦଣ୍ଡନାଚ ଆୟୋଜିତ ହେଉଛି। ଏହି ସମୟରେ ପ୍ରସାଦ ସେବନ ଠାରୁ ଆରମ୍ଭ କରି ମେଲୋଡ଼ି, ଅପେରା ଓ ଡ୍ୟାନ୍ସ ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଭିଡର ସୁଯୋଗ ନେଇ ଅପରାଧ ଘଟାଇବାକୁ ଏକାଠି ହୋଇଥାନ୍ତି ଲୁଟେରା ଗ୍ୟାଙ୍ଗ। ରାତି ସମୟରେ ଅପେରା ଦେଖିବାକୁ ଲୋକେ ଘରେ ତାଲାପକାଇ ଯାଉଥିବା ବେଳେ ସେହି ଘରଗୁଡିକୁ ଟାର୍ଗେଟ କରୁଛନ୍ତି ଲୁଟେରା ଦଳ। ଏହି ଲୁଟ୍ ଓ ଚୋରିକୁ ରୋକିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ହେଁ ସେଥିରେ ଏତେଟା ସୁଫଳ ମିଳୁନଥିବା ଦେଖିବାକୁ ମିଳିଛି। ବୁଧବାର ରାତି ସାଢ଼େ୧୦ଟା ବେଳେ ନୂଆ ବସଷ୍ଟାଣ୍ଡ ସ୍ଥିତ ଏକ ହୋଟେଲ ନିକଟରେ କଳ୍ପନା ବିଶୋୟୀ ନାମକ ଜଣେ ଯୁବତୀ ଅପେକ୍ଷା କରିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ପଲସର ବାଇକରେ ଆସି କଳ୍ପନାଙ୍କ ଠାରୁ ସେ ଧରିଥିବା ମୋବାଇଲ ଫୋନଟିକୁ ଝାମ୍ପି ନେଇ ଯାଇଥିଲେ। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଢିଲା ନାଇଟ ପେଟ୍ରୋଲିଂ ଯୋଗୁଁ ବର୍ତ୍ତମାନ ସହରରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସହରବାସୀ ଦାବି କରିଛନ୍ତି।

## ଆରମ୍ଭ ହୋଇଯାଇଛି ପ୍ରସିଦ୍ଧ ଦଣ୍ଡଯାତ୍ରା

# ଜମୁଛି ମୟୂର ପୁଚ୍ଛ ବେପାର

**ବୁଗୁଡ଼ା, ୪।୪(ସମିସ):** ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହୋଇଯାଇଛି। ମେରୁ ସଂକ୍ରାନ୍ତି ଯାଏଁ ଚାଲିବାକୁ ଥିବା ଏହି ଦଣ୍ଡଯାତ୍ରା ପର୍ବ ଯୋଗୁଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସାଙ୍ଗକୁ ଦେବଦେବ ମହାଦେବ ଓ ମା' କାଳୀଙ୍କ ପୂଜାର୍ଚ୍ଚନା ଲାଗି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହେଉଛି। ଚାରିଆଡ଼େ ଦେଖିବାକୁ ମିଳୁଛି ଦଣ୍ଡୁଆଦଳଙ୍କ ଗହଳି ଓ ନଗର ପରିକ୍ରମା। ବର୍ଷତମାମ ବିଭିନ୍ନ ସମୟରେ ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବିକ୍ରିବଟା ହେଉଥିଲେ ମଧ୍ୟ ଦଣ୍ଡଯାତ୍ରା ସମୟରେ ମୟୂର ପୁଚ୍ଛ କାରବାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଗୁଡ଼ା ଅଞ୍ଚଳର ଅଧିକାଂଶ ବ୍ୟବସାୟୀ ବ୍ରହ୍ମପୁରରୁ ମୟୂର ପୁଚ୍ଛ ଆଣି ବିକ୍ରି କରୁଛନ୍ତି। ଦଣ୍ଡଯାତ୍ରା ସମୟରେ ବୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ମୟୂର ପୁଚ୍ଛ କାରବାର ହେଉଛି। ମାନସିକଧାରୀ ଦଣ୍ଡୁଆମାନେ ଏହି ମୟୂର ପୁଚ୍ଛକୁ ଧାରଣ କରିଥାନ୍ତି। ବୁଗୁଡ଼ା ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଦେଖିବାକୁ ମିଳୁଛି ମୟୂର ପୁଚ୍ଛ, ବାନା ଓ ଅନ୍ୟାନ୍ୟ ପୂଜା ସମାଗ୍ରୀର ବିକ୍ରିବଟା। ଏହିସବୁ ମୟୂର ପୁଚ୍ଛ ରାଜସ୍ଥାନର ଯୋଧପୁର, ଉତ୍ତର ପ୍ରଦେଶର ଆଗ୍ରା, ପଶ୍ଚିମବଙ୍ଗର କୋଲକାତାରୁ ପ୍ରଚୁର ପରିମାଣର ଆସୁଥିବା ନେଇ ବ୍ୟବସାୟୀମାନେ କହିଛନ୍ତି।



## ● ଏନ୍‌ଏସି ଠିକାଦାରଙ୍କ ଅଜବ ନୀତି

# ଘର କାମରେ ଲାଗୁଛି ଅଳିଆବୁହା ଗାଡ଼ି

**ଗଞ୍ଜାମ, ୪।୪(ସମିସ):** ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଲେଖାଥିବା ଏକ ଗାଡ଼ି ଅଳିଆ ଉଠେଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଉକ୍ତ ଗାଡ଼ିରେ କୌଣସି ଏକ ଠିକାଦାର କାର୍ଯ୍ୟ ନିମନ୍ତେ ଇଟା ବୋଝେଇ ହେଉଥିଲା। ଫଳରେ କିଛି ଯୁବକ ଉକ୍ତ ଗାଡ଼ିଟିକୁ ଅଟକ ରଖି ପ୍ରଶ୍ନ କରିଥିଲେ। ପରେ ପୁଲିସ ପହଞ୍ଚି ଗାଡ଼ିରୁ ବୋଝେଇ ହୋଇଥିବା ଇଟାକୁ ବାହାର କରିବା ପାଇଁ କହିଥିଲେ। ପରେ ଖାଲି ଗାଡ଼ି ଫେରିଥିଲା। ଯାହାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖାଦେଇଥିଲା। ସୂଚନାଯୋଗ୍ୟ ଗୁରୁବାର ଅପରାହ୍ନରେ ବ୍ଲକ ନିକଟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ଅଳିଆ ବୁହା ଗାଡିରେ ଇଟା ବୋଝେଇ ହେଉଥିଲା। ଏହା ଦେଖି କିଛି ଯୁବକ ଏହି ଗାଡ଼ିରେ ଇଟା କଣ ବୋଝେଇ ହେଉଛି ପଚାରିଥିଲେ। ଫଳରେ ସେଠାରେ ଉପସ୍ଥିତ ରହିଥିବା ଜଣେ ହିନ୍ଦୀ ଭାଷାରେ କହୁଥିବା ଜଣେ ଯୁବକ ଗାଡି ନମିଳିବାରୁ ଏଥିରେ ବୋଝେଇ କରିଥିଲେ ବୋଲି କହିଥିଲେ। ଏନେଇ ଥାନାରେ ଖବର ଦେବାପରେ ପରେ ପୁଲିସ ସେଠାରେ ପହଞ୍ଚିଥିଲା। ଖାଲି ଗାଡି ପୋଲିସ ଉପସ୍ଥିତିର ଫେରିଥିଲା। ତେଣୁ ଏଠି ପ୍ରଶ୍ନ ଉଠେ ଯେଉଁ ଠିକାଦାର କାର୍ଯ୍ୟ କରୁଛନ୍ତି ସେ ନିଜ ଉଦ୍ୟମରେ ଘରୋଇ ଗାଡ଼ି ଯୋଗେ ଜିନିଷ ନେବା କଥା। କିନ୍ତୁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଳିଆବୁହା ଗାଡ଼ିରେ କିପରି ଇଟା ବୋଝେଇ ହେଉଥିଲା ତାହା ତଦନ୍ତ ସାପେକ୍ଷ।




# ଯୁବକଙ୍କଠାରୁ ଟଙ୍କା ଠକେଇ

**ବ୍ରହ୍ମପୁର,୪।୪ (ସମିସ):** ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଜଣେ ଯୁବକଙ୍କ ଠାରୁ ଅନ୍ୟ ଜଣେ ଯୁବକ କୌଶଳକ୍ରମରେ ଟଙ୍କା ଠକି ନେଇଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, କୋରାପୁଟ ସିମିଳିଗୁଡାର ହିମାଂଶୁ ଦାସ ନିଜ କକାଙ୍କୁ ନେଇ ବ୍ରହ୍ମପୁରର ଏକ ଘରୋଇ ହସ୍‌ପିଟାଲକୁ ଆସିଥିଲେ। ଟଙ୍କା ଆବଶ୍ୟକ ହେବାରୁ ସେ ନୂଆ ବସଷ୍ଟାଣ୍ଡ ସ୍ଥିତ ଏଟିଏମକୁ ଯାଇଥିଲେ। ସେହି ଏଟିଏମରୁ ୧୦ ହଜାର ଟଙ୍କା ଉଠାଇବାକୁ ଯିବା ବେଳେ ସେଠାରେ ଥିବା ଜଣେ ଯୁବକ ହିମାଂଶୁଙ୍କ ନିକଟକୁ ଆସି ଅନ୍‌ଲାଇନରେ ଟଙ୍କା ପଠାଇଲେ ସେ ନଗଦ ଟଙ୍କା ଦେବ ବୋଲି କହିଥିଲା। ସେହିକ୍ରମରେ ହିମାଂଶୁ ତାଙ୍କୁ ଅନ୍‌ଲାଇନରେ ୧୦ ହଜାର ପଠାଇଥିଲେ। ସେଠାରେ ସମ୍ପୃକ୍ତ ଯୁବକ ଜଣଙ୍କ ହିମାଂଶୁଙ୍କୁ ୨୦୦୦ ଟଙ୍କା ଦେଇଥିଲେ ଏବଂ ଭାବାନଗର ଗଲେ। ଆଉ ୮୦୦୦ ଦେବେ ବୋଲି କହିଥିଲେ। ହେଲେ ଭାବାନଗରରେ ପହଞ୍ଚିବା ପରେ ଯୁବକ ଜଣଙ୍କ କେଉଁଆଡେ ଗାଏବ ହୋଇ ଯାଇଥିଲେ। ଏ ନେଇ ହିମାଂଶୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଓକିଲ ସଂଘ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ

**ଦିଗପହଣ୍ଡି, ୪।୪(ସମିସ):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭା ଗୃହରେ ଗୁରୁବାର ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘର ପୂର୍ବତନ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ସଭାପତିତ୍ୱ ଏବଂ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ପ୍ରଥମେ ନୂତନ କର୍ମକର୍ତ୍ତାଙ୍କ ସମେତ ନିର୍ବାଚନ ସୁପରିଚାଳନା କରିଥିବା ନୋଟାରୀ ରତ୍ନାକର ମେକାପଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ବରିଷ୍ଠ ଆଇନଜୀବୀ ଏ. ସୋମେଶ୍ୱର ରାଓ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବା ପରେ ହରପ୍ରସାଦ ରଥ ସଭାପତି, ରଞ୍ଜନ କୁମାର ବେହେରା ଉପସଭାପତି, ପ୍ରଦୀପ କୁମାର ନାୟକ ସମ୍ପାଦକ, ରବିଚନ୍ଦ୍ର ଗୌଡ଼ ସହସମ୍ପାଦକ ଏବଂ ସିମାଞ୍ଚଳ ପ୍ରଧାନ କୋଷାଧ୍ୟକ୍ଷ ଭାବେ ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ସଭାପତି ହରପ୍ରସାଦ ରଥ ସଂଘର ଏକତା, ସମ୍ମାନ ଓ ବିକାଶ ଦିଗରେ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଆଇନଜୀବୀ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ସାହୁ, ରସାନନ୍ଦ ରାଉତ, ଚନ୍ଦ୍ରଧ୍ୱଜ ସିଂହ, ପରେଶ ଚନ୍ଦ୍ର ରଥ, ସୁକାନ୍ତ କୁମାର ପ୍ରଧାନ, ନୀଳମାଧବ ରଥ, ହେମନ୍ତ କୁମାର ପାଣିଗ୍ରାହୀ, ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ସତ୍ୟନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏପିପି ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ଅନୁସୂଚିତ ଜାତି ମତ୍ସ୍ୟଜୀବୀ ମହାସଭା

**ରମ୍ଭା, ୪।୪(ସମିସ):** ରମ୍ଭା ଥାନା ଇଲାକା ଗଜପତି ନଗର ଶିବ ମନ୍ଦିରରେ ଚଉଦ ଦେଶ ଅନୁସୂଚିତ ଜାତି ମତ୍ସ୍ୟଜୀବୀ କୋର୍ କମିଟି ସଭା ସ୍ଥାୟୀ ଦେଶ ସଭାପତି ବ୍ରଜବନ୍ଧୁ ବେହେରାଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମତ୍ସ୍ୟଜୀବୀ ସଂଘ ନେତା ତଥା ଦେଶ ସଂଘ ଉପଦେଷ୍ଟା ରାମଚନ୍ଦ୍ର ମଲିକଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ୨ ମିନିଟ ନିରବ ପ୍ରାର୍ଥନା ହେବା ସହ ପରିବାରକୁ ସମବେଦନା ଜଣାଇବା ସହ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତବ୍ୟ ରଖିଥିଲେ। ଏଥି ସହିତ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ମୌଳିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଦେଶର ସମ୍ପାଦକ ଉପଦେଷ୍ଟା ମଣ୍ଡଳୀ ଯଥା ରାଧାମୋହନ ପୃଷ୍ଟି, ଗୋବିନ୍ଦ ବେହେରା, ଭୀମସେନ ବେହେରା, ଗୋବିନ୍ଦ ପ୍ରଧାନ, ସେନାପତି ବେହେରା, ସୁଜିତ କୁମାର ବେହେରା, ନଟବର ବେହେରା, ନରସିଂହ ବେହେରା, ଧନୁର୍ଦ୍ଧର ମଲିକ, ନାରାୟଣ ବେହେରା, ଚକ୍ରପାଣି ବେହେରା, ପ୍ରଫୁଲ୍ଲ ମଲିକଙ୍କ ସମେତ କୋର୍ କମିଟି ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୭ ଏପ୍ରିଲ ଖୋଲମୂହ ଗ୍ରାମ (କୃଷ୍ଣପ୍ରସାଦ ବ୍ଲକ) ଠାରେ ସମସ୍ତ ସଦସ୍ୟ ମିଶିବା ପାଇଁ ସ୍ଥିର କରାଯାଇଥିଲା।



# ଟ୍ରକ ଚକା ତଳେ ପଡ଼ି ନାବାଳକ ଗୁରୁତର

**ବ୍ରହ୍ମପୁର,୪।୪ (ସମିସ):** ଆଙ୍କୁଲି ଓଭରବ୍ରିଜ ଦେଇ ଯାଉଥିବା ଜଣେ ନାବାଳକଙ୍କୁ ଏକ ଟ୍ରକ ଧକ୍କା ଦେଇଛି ନାବାଳକଙ୍କ ଗୋଟିଏ ଗୋଡ ଟ୍ରକ ଚକା ତଳେ ଚାପି ହୋଇ ନଷ୍ଟ ହୋଇଯାଇଛି। ନାବାଳକ ଜଣଙ୍କ ହେଲେ ଆଙ୍କୁଲି କାଳିଞ୍ଜି ସାହିର କାଳୀ ଶତପଥ। ଗତକାଲି ସନ୍ଧ୍ୟାରେ କାଳୀ ଓ ତାଙ୍କର ୨ ଜଣ ସାଙ୍ଗ ଏକ ବାଇକ୍‌ରେ ଯାଉଥିବା ବେଳେ ଆଙ୍କୁଲି ଓଭରବ୍ରିଜ ଉପରେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟରା ପରେ କାଳୀ ରାସ୍ତା ଉପରେ ଛିଟିକି ପଡିବା ପରେ ଟ୍ରକଟି ତାଙ୍କ ଗୋଡ଼ ଉପରେ ଚଢି ଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିବା ଜଣାପଡିଛି ।

## କଂଗ୍ରେସ ପ୍ରାର୍ଥୀଙ୍କୁ ବିରୋଧ

# ବଢୁଛି ଅସନ୍ତୋଷ; ପ୍ରାର୍ଥୀ ପରିବର୍ତ୍ତନ ଦାବି

ଜି.ଉଦୟଗିରି, ୪।୪(ସମିସ)

କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିର୍ବାଚନମଣ୍ଡଳୀ କଂଗ୍ରେସ କର୍ମୀ ପକ୍ଷରୁ ସିରିକି ଘାଇ ଠାରେ କର୍ମୀ ସମ୍ମିଳନୀ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜି. ଉଦୟଗିରି ବିଧାନସଭା ଆସନ ପାଇଁ ଘୋଷିତ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥୀତ୍ୱକୁ ତୀବ୍ର ବିରୋଧ କରାଯାଇଛି। ପ୍ରତିବାଦ ସଭାରେ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ଜିଲ୍ଲା ଏସସି ସଭାପତି ପ୍ରଫୁଲ୍ଲ ଦିଗାଲ, ଜି. ଉଦୟଗିରି ବ୍ଲକ ସଭାପତି ସଦାନନ୍ଦ ନାୟକ, ଟିକାବାଲି ବ୍ଲକ ସଭାପତି ଗୋକୁଳ ପ୍ରଧାନ, ରାଇକିଆ ବ୍ଲକ ସଭାପତି କ୍ରିଷ୍ଟାପ୍ରିୟା ପ୍ରଧାନ, ଜି. ଉଦୟଗିରି ନଗର କଂଗ୍ରେସ ସଭାପତି ଦୀପକ ପ୍ରଧାନ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଟାର୍ଜନ ସାହୁ, ଜୋନ ସଭାପତି ମାନଭଞ୍ଜନ ପ୍ରଧାନ, ବୀରେନ୍ଦ୍ର ମହାମଲ୍ଲିକ, କାଉନସିଲର ଯାକେଶ ପ୍ରଧାନ, ବିଧାୟକ ଆଶାୟୀ ସଂଜିତ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ, ଥୋମାସ ପ୍ରଧାନ, ଶଶାନନ୍ଦ ପ୍ରଧାନ, ହିରେନ ନାୟକ, ମିଳନ ନାୟକ, ଶୁଭ୍ରମନ୍ୟୁ ନାୟକ, ସୁରଜ ନାୟକ, ଷ୍ଟିଫେନ ନାୟକଙ୍କ ସମେତ ସାତୋଟି ଜୋନର ସଭାପତି ଓ ଦାରିଙ୍ଗବାଡି, ରାଇକିଆ, ଟିକାବାଲି, ରାଇକିଆ ବ୍ଲକ, ଜି.ଉଦୟଗିରି ବ୍ଲକ ଓ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ବୈଠକରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପରିବର୍ତ୍ତନ କରି ଜଣେ ଦକ୍ଷ ସଂଗଠକ କଂଗ୍ରେସ ନେତାଙ୍କୁ ପ୍ରାର୍ଥୀ ଦେବା ପାଇଁ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତା ଦାବି କରିଥିଲେ। ଜିଲ୍ଲା ସଭାପତି ଓ ପ୍ରଦେଶ କଂଗ୍ରେସ ସଭାପତି ଦାବିକୁ ଗୁରୁତର ସହ ଗ୍ରହଣ ନ କରନ୍ତି ତାହା ହେଲେ ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ଓ ନେତା ନିର୍ବାଚନରେ ଦଳ ପାଇଁ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ କଂଗ୍ରେସ ଟିକେଟ ପାଇ ଥିବା ପ୍ରାର୍ଥୀ ପ୍ରଫୁଲ୍ଲ ପ୍ରଧାନ ଜିଲ୍ଲା କଂଗ୍ରେସ କିମ୍ବା ଜି.ଉଦୟଗିରି କଂଗ୍ରେସର ସଂଗଠନରେ ସକ୍ରିୟ ନାହାନ୍ତି। ତେଣୁ ତାଙ୍କ ବଦଳ ଅନ୍ୟ ଜଣେ ଦକ୍ଷ କଂଗ୍ରେସ ସଂଗଠକଙ୍କୁ ଟିକେଟ ଦେବା ପାଇଁ ଉପସ୍ଥିତ କଂଗ୍ରେସ କର୍ମୀ ଦାବି କରିଥିଲେ। ପ୍ରତିବାଦ ସମାବେଶକୁ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ନାୟକ ପରିଚାଳନା କରି ଥିଲେ।



# ପକ୍କା ରାସ୍ତା ନିର୍ମାଣ ଦାବିକଲେ ୫ ଗ୍ରାମବାସୀ

**ଫିରିଙ୍ଗିଆ, ୪।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଜାଜେଶ ପାଙ୍ଗା ପଞ୍ଚାୟତର ଶ୍ରାକୁଡି ଘାଟି ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ ଦାବି କରିଛନ୍ତି ଉପର ଦାମୀଙ୍ଗିଆ ଗ୍ରାମବାସୀ ସହ ଅଞ୍ଚଳର ୫ ଖଣ୍ଡରୁ ଉର୍ଦ୍ଧ୍ୱ ଗ୍ରାମବାସୀ। ସୂଚନା ଅନୁସାରେ ଘାଟି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘ ଦିନ ଧରି ଦାବି କରିଆସୁଛନ୍ତି। ବାରମ୍ବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ରାଜନେତାଙ୍କୁ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଲିଖିତ ଭାବରେ ଜଣାଇ ଥିଲେ। ୫ ବର୍ଷ ବିତିଯାଇଥିଲେ ମଧ୍ୟ ଘାଟି ରାସ୍ତା ନିର୍ମାଣ ହୋଇ ନ ପାରିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ବାଧ୍ୟ ହୋଇ କିଛି ଦିନ ତଳେ ଘାଟି ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଅଞ୍ଚଳବାସୀ ଲିଖିତ ଭାବରେ ଜଣାଇଥିଲେ। ଫିରିଙ୍ଗିଆକୁ ଯାତାୟାତ ପାଇଁ ପ୍ରାୟ ୨୨ କିଲୋମିଟର ଦୂର ହେଉଥିବାରୁ ଅଞ୍ଚଳବାସୀ ଏଇ ଘାଟି ଉପରେ ନିର୍ଭର କରିବା ସହ ନିଜର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ହେଉ ଅବା ଜୀବିକା ନିର୍ବାହ ହେଉ ଏମିତିକି ପରିବାପତ୍ର ବିକ୍ରି ପାଇଁ ମଧ୍ୟ ଘାଟି ରାସ୍ତା ଉପରେ ନିର୍ଭର କରିଥାଆନ୍ତି। ଗ୍ରାମବାସୀ ବାଲିଗୁଡ଼ା ଯିବାକୁ ହେଲେ ମାତ୍ର ତେରରୁ ଚଉଦ କିଲୋମିଟର ଯିବାକୁ ପଡୁଛି। ତେଣୁ ବାଧ୍ୟ ହୋଇ ଏଇ ଘାଟି ଉପରେ ନିର୍ଭର କରୁଛନ୍ତି ଅଞ୍ଚଳର ଦାମୀଙ୍ଗିଆ, ଲଦଡ଼ି, ଇର୍ପିପାଙ୍ଗା, ଜାଜେଶପଙ୍ଗା ଭଳି ପ୍ରାୟ ୫ରୁ ଅଧିକ ଗ୍ରାମବାସୀ। ଦୀର୍ଘ ବର୍ଷରୁ ଘାଟିରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରୁଥିଲେ ମଧ୍ୟ ହୋଇ ପାରି ନ ଥିବା ବେଳେ ଗତ ବର୍ଷ ଫିରିଙ୍ଗିଆ ବ୍ଲକ ଜାଜେଶ ପଙ୍ଗା ପଞ୍ଚାୟତ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କେବଳ ମୋରମ ବିଛାଇ ଅଳ୍ପ କିଛି କାମ କରାଯାଇଥିଲା। ହେଲେ ବଡ଼ ଘାଟି ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟିଥିବା ନଜିର ରହିଛି। ଏହି ଘାଟି ରାସ୍ତାକୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳର ଗୋବିନ୍ଦ କହଁର, ପିଣ୍ଟିକ କହଁର, ସୁଦର୍ଶନ କହଁର, ଦଣ୍ଡପାଣି କହଁର, ପୂର୍ବତନ ସରପଞ୍ଚ ଗୁପ୍ତେଶ୍ୱର କହଁର, ରମାକାନ୍ତ କହଁର, ଜନେକ କହଁର, ରାଜୀବ କହଁର ଓ ସଞ୍ଜୟ କହଁରଙ୍କ ସହ ବହୁ ଗ୍ରାମବାସୀ ଦାବି କରିଛନ୍ତି।



● ଶିକୁଳା ହତ୍ୟାକାଣ୍ଡ ଘଟଣା

## ବିଷ ପିଇ ଅଭିଯୁକ୍ତର ବାପା ମୃତ, ମା' ଗୁରୁତର

**ପୁରୁଷୋତ୍ତମପୁର,୪।୪ (ସମିସ):** ଗଂଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ଗତ ୨୯ ତାରିଖ ସକାଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛୁରାଘାତରେ ଶିକୁଳା ଗ୍ରାମର କୃଷ୍ଣ ବେହେରାଙ୍କ ପୁଅ କାହ୍ନୁ ବେହେରା (୫୨) ଙ୍କର ବଡମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ନେଇ କାହ୍ନୁର ଭାଇ ଛଇଳ ଥାନାରେ ଏତଲା ଦେବା ପରେ ପୁଲିସ ୭୩୪/୨୪ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ହତ୍ୟାକାଣ୍ଡରେ ସେହି ଗ୍ରାମର ସନ୍ତୋଷ ସ୍ୱାଇଁ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୁଲିସ ଅଭିଯୁକ୍ତଙ୍କ ଘରକୁ ତଦନ୍ତ ପାଇଁ ଯିବାପରେ ସନ୍ତୋଷର ବାପା ନାରଣ ସ୍ୱାଇଁ ଓ ମାଁ ଲକ୍ଷ୍ମୀ ସ୍ୱାଇଁ ଦୁହେଁ ପୁଅକୁ ପୁଲିସ ବାନ୍ଧି ନେବା ଭୟରେ ବିଷ ପାନ କରିଥିଲେ। ଏହା ଜାଣିବା ପରେ ଗ୍ରାମର କିଛି ବ୍ୟକ୍ତି ଉଭୟଙ୍କୁ ପ୍ରଥମେ କୋଦଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ନାରଣର ମୃତ୍ୟୁ ଘଟିଥିବା ବେଳେ ମା ଲକ୍ଷ୍ମୀର ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୁରୁଷୋତ୍ତମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଘଟଣା ପରଠାରୁ ସମସ୍ତ ଅଭିଯୁକ୍ତ ଫେରାର ଅଛନ୍ତି।

● ଦଣ୍ଡନାଚ ଦେଖାରୁ ଗଣ୍ଡଗୋଳ ମାମଲା

## ଜେଲ୍ ଗଲେ ୩ ଅଭିଯୁକ୍ତ

**ଦିଗପହଣ୍ଡି, ୪।୪(ସମିସ):** ଦଣ୍ଡନାଚ ଦେଖାରୁ ଗଣ୍ଡଗୋଳ ମାମଲାରେ କେ. ନୂଆଗାଁ ଥାନା ପୁଲିସ ବି. ନୂଆପଡ଼ା ଗ୍ରାମର ସତ୍ୟ ନାରାୟଣ ଗୌଡ଼, ରଘୁନାଥ ଗୌଡ଼ ଏବଂ ନିରଞ୍ଜନ ପ୍ରଧାନଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ମଙ୍ଗଳବାର ରାତିରେ ଗାଁରେ ଦଣ୍ଡନାଚ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଥିଲା। ଦଣ୍ଡନାଚ ଦେଖାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ମା' ଓ ପୁଅଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ମା' ଝୁନୁ ଜାନି ଏବଂ ପୁଅ ପ୍ରମୋଦଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

## ନବୋଦୟ ପ୍ରବେଶିକା ପରୀକ୍ଷାରେ ଦୁଇ ଛାତ୍ରଛାତ୍ରୀଙ୍କ ସଫଳତା

**ମୁନିଗୁଡ଼ା,୪।୪(ସମିସ):** ଚଳିତ ବର୍ଷର ଜବାହର ନବୋଦୟ ବିଦ୍ୟାଳୟରେ ନିଯୁକ୍ତି ପ୍ରକ୍ରିୟାରେ ଅମ୍ବାଦଳାର ଜଣେ ଛାତ୍ର ଓ ଜଣେ ଛାତ୍ରୀ ସଫଳତା ହାସଲ କରିଛନ୍ତି। ଅମ୍ବାଦଳାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ଛାତ୍ରୀ ଜୟା ସିଂ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହୋଇ ସଫଳତା ହାସଲ କରିଛନ୍ତି। ସେ ଅମ୍ବାଦଳା ବଡ଼ସାହିର ସୁଶିଲ ସିଂ ଓ ଅଶ୍ୱିନୀଙ୍କ ସୁପୁତ୍ରି ଅଟନ୍ତି। ସେହିପରି ଅମ୍ବାଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଜଗନ୍ନାଥ ଦଳେଇ ମଧ୍ୟ ଏହି ନିଯୁକ୍ତି ପ୍ରକ୍ରିୟାରେ ସଫଳ ହୋଇ ଜବାହର ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଅମ୍ବାଦଳା ସହରର ରବୀନ୍ଦ୍ର ଦଳେଇ ଓ ମାମା ଦଳେଇଙ୍କ ସୁପୁତ୍ର ଅଟନ୍ତି। ଉଭୟଙ୍କ ସଫଳତାରେ ନିକଟ ସମ୍ପର୍କୀୟ, ଉଭୟ ଶିକ୍ଷାନୁଷ୍ଠାନ ଓ ଶିକ୍ଷୟିତ୍ରୀଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନର ବାର୍ତ୍ତା ମିଳିଛି।

'ମନରେଗା' ଯୋଜନାରେ ଠିକାଦାରୀ

# କାମ କରୁଛନ୍ତି ବାହାର ଶ୍ରମିକ; ସ୍ଥାନୀୟ ଶ୍ରମିକ ବେରୋଜଗାର

**ମୋଟୁ, ୪।୪(ସମିସ)**



ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତରେ ମନରେଗା ଯୋଜନା ପାଲଟିଛି ପ୍ରହସନ। ଏହି ଲୋକାଭିମୁଖୀ ଯୋଜନାରେ ପ୍ରକୃତ ଜବକାର୍ଡଧାରୀ ନିଜ ଅଞ୍ଚଳରେ ମନରେଗା କାର୍ଯ୍ୟ ହେଉଥିଲେ ମଧ୍ୟ କାମ ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହି ଯୋଜନାରେ କେତେକ ସ୍ଥାନରେ ବାହାର ଜିଲ୍ଲାର ଶ୍ରମିକ ଓ ମେସିନ ସାହାଯ୍ୟରେ କାମ ହେଉଥିବା ନେଇ ଅଭିଯୋଗ ହୋଇଛି। ତେବେ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ସରକାର ଏଭଳି ଏକ ମହତ୍ ଯୋଜନା କରିଥିବା ବେଳେ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଏବଂ ଅର୍ଥର ଲାଳସାରେ ଠିକାଦାରଙ୍କ ସହଯୋଗରେ ମେସିନ ଓ ବାହାର ଜିଲ୍ଲାର ଶ୍ରମିକ ଲଗାଇ ପ୍ରକଳ୍ପଗୁଡିକୁ ଚଟାପଟ ସାରି ଦେଉଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ଦୁର୍ଗମ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଇଲାକା ଦେଖି କିଛି ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ଇଙ୍ଗିତରେ ସମ୍ପୃକ୍ତ ଅଞ୍ଚଳର ଠିକାଦାରଙ୍କୁ ନେଇ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ୨୦୨୩-୨୪ ଆର୍ଥିକ ବର୍ଷରେ ୪,୯୦,୦୦୦ ଟଙ୍କା ବେୟରେ କାଉଣ୍ଟରଟ୍ରେଞ୍ଚ କାମ ହୋଇଛି। ଏହି କାମରେ ଏମପିଭି ୪୧ ଗ୍ରାମର ସୁମନ୍ତ ବିଶ୍ୱାସ ନାମକ ଠିକାଦାର ନବରଙ୍ଗପୁର ଜିଲ୍ଲାର ଶ୍ରମିକଙ୍କୁ ନେଇ କାମ ସାରିଦେଇଥିବା ବେଳେ ଯେତିକି ଗାତ ଖୋଳିବା କଥା ତାହା କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂପର୍କରେ କାମ କରୁଥିବା ଠିକାଦାରଙ୍କୁ ପଚାରିବାରୁ ମୋତେ ଏହି କାମ ଗ୍ରାମ ରୋଜଗାର ସେବକ ଗୋପାଳ ଦେଇଛନ୍ତି ଏବଂ ସ୍ଥାନୀୟ ଜବକାର୍ଡଧାରୀ ଶ୍ରମିକ ନମିଳିବାରୁ ମୁ ନବରଙ୍ଗପୁର ଜିଲ୍ଲାର ଶ୍ରମିକ ଆଣି କାମ କରେଇଛି ବୋଲି କହିଛନ୍ତି। ଏନେଇ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ସେମାନେ ଏହି କାମ ମନରେଗାରେ ହୋଇଥିବା ଶୁଣିବାକୁ ପାଇଥିଲେ ମଧ୍ୟ କାର୍ଯ୍ୟ ପୂର୍ବରୁ କୌଣସି ବୈଠକ କିମ୍ବା ଡିମାଣ୍ଡ ମଧ୍ୟ ଗ୍ରହଣ କରାଯାଇ ନଥିବା କହିଥିଲେ। ଏହାସହ ସ୍ଥାନୀୟ ଅଞ୍ଚଳର ଲୋକେ କାମ ଖୋଜୁଥିବା ବେଳେ ସେମାନଙ୍କୁ ନେଇ କାମ କରାଇବା ପରିବର୍ତ୍ତେ ବାହାର ଜିଲ୍ଲାର ଶ୍ରମିକଙ୍କୁ ନିୟୋଜିତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ବିଭାଗୀୟ ଅଧିକାରୀ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସାରିବା ପରେ ଏକ ଅବୈଧାନିକ ପ୍ରକ୍ରିୟା ମାଧ୍ୟମରେ ପ୍ରକଳ୍ପର ଅର୍ଥରାଶି ଲୋକଙ୍କ ଆକାଉଣ୍ଟକୁ ଛାଡି ପୁଣି ଠିକାଦାର ସେହି ଅର୍ଥକୁ ଉଠାଉଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ନିଜ ନାମକୁ ଗୁପ୍ତରେ ରଖି ଅଭିଯୋଗ କରିଛନ୍ତି। ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର ଗ୍ରାମ ରୋଜଗାର ସେବକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏଠାରେ ବଡ ପ୍ରଶ୍ନ ସୃଷ୍ଟି ହେଉଛିକି ବାହାର ଜିଲ୍ଲାର ଶ୍ରମିକ ଯଦି କାର୍ଯ୍ୟ କରୁଛନ୍ତି ତେବେ ମନରେଗାରେ ହେଉଥିବା ଏହି କାର୍ଯ୍ୟର ପାରିଶ୍ରମିକ କେଉଁ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଜମା ଯେଉଛି। ମନରେଗା ଭଳି ମହତ୍ ଯୋଜନାରେ ଏଭଳି ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଦୈନିକ ମଜୁରୀରୁ ବଞ୍ଚିତ କରିବା ସହ ଦାଦନ ଶ୍ରମିକ ସୃଷ୍ଟି କରୁଥିବା ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

# କରାଟେ ପରୀକ୍ଷାରେ ୮ ବର୍ଷିୟା ଛାତ୍ରୀଙ୍କୁ ବ୍ଲାକ୍‌ବେଲ୍ଟ




**ଜୟପୁର, ୪।୪(ସମିସ)**

କୋରାପୁଟ ଜିଲ୍ଲା ଜୟପୁର ଉତ୍କଳ କାରାଟେ ସ୍କୁଲର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ୩ ଜଣଙ୍କୁ ବ୍ଲାକ୍‌ବେଲ୍ଟ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ସର୍ବକନିଷ୍ଠ ଛାତ୍ରୀ ଭାବେ ୮ ବର୍ଷର ନାବାଳିକା ପି.ରାଜଭି ବ୍ଲାକ୍ ବେଲ୍ଟ ପାଇଛନ୍ତି। ସେହିପରି ୧୩ ବର୍ଷିଆ ଛାତ୍ରୀ ପିୟାଶି ମିଶ୍ର ଏବଂ ୧୬ ବର୍ଷ ନାବାଳକ ନିତନ ପାଇକରାୟ ମଧ୍ୟ ବ୍ଲାକ୍ ବେଲ୍ଟ ପାଇଛନ୍ତି। ବ୍ରାଉନ ବେଲ୍ଟ (୧)ରେ ଦୁଇ ଜଣ, ବ୍ରାଉନ ବେଲ୍ଟ (୩) ତିନି ଜଣ, ବ୍ଲୁ ବେଲ୍ଟରେ ତିନି ଜଣ, ଗ୍ରୀନ୍ ବେଲ୍ଟରେ ତିନି ଜଣ, ଓରେଞ୍ଜ ବେଲ୍ଟରେ ଚାରି ଜଣ, ୟେଲୋ ବେଲ୍ଟରେ ଦୁଇ ଜଣ ରହିଛନ୍ତି। ଜୟପୁର ଉତ୍କଳ କାରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ମୁନା ସିଂଲାଲ ସୂଚନା ଦେଇଛନ୍ତି। ଜୟପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଟା ପାୱାର ଦକ୍ଷିଣ ଓଡିଶା ବିଦ୍ୟୁତ ବିଭାଗର ଡିଜିଏମ୍ ମନ୍ମଥନାଥ ମିଶ୍ର ବେଲ୍ଟ ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଦ୍ୟୁତ ବିଭାଗର ସହକାରୀ ସାଧାରଣ ପ୍ରଶାସନକ ତପିନ ରୋଶନୀ ସୁବୁଦ୍ଧି, ଧର୍ମେନ୍ଦ୍ର ପଣ୍ଡା, ସତ୍ୟନାରାୟଣ ପଟ୍ଟନାୟକ, ପି. ସନ୍ୟାସୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯେ କୋରାପୁଟ ଜିଲ୍ଲା ସଦରମହକୁମା ସାଂସ୍କୃତିକ ସମାଜ ମଣ୍ଡପଠାରେ ଆୟୋଜିତ ଏହି ବେଲ୍ଟ ପରୀକ୍ଷାରେ କୋରାପୁଟ ସ୍କୁଲର ୧୪ ଜଣ, ଜୟପୁର ସ୍କୁଲରୁ ୨୦ ଜଣ ଏବଂ ସେମିଳିଗୁଡ଼ା ସ୍କୁଲରୁ ୪୪ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ।

## ସୁନାବେଡ଼ାର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ପାଳିତ




**ସୁନାବେଡ଼ା,୪।୪(ସମିସ):** ସୁନାବେଡା-୩ସ୍ଥିତ ବର୍ମା ପ୍ରାଥମିକ ବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା ନିମନ୍ତେ ଅଭିଭାବକଙ୍କୁ ସଚେତନ କରାଇବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁସନ୍ଧ୍ୟା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଅୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମିଗ୍ ୪ କ୍ଲଷ୍ଟରର ଆଞ୍ଚଳିକ ସାଧନକର୍ମୀ ସ୍ନେହଲତା ଦାଶ, ଶିକ୍ଷୟିତ୍ରୀ ସରୋଜ ନଳିନୀ ସଗରିଆ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ରୀନା ବାଘଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ଉକ୍ତ ପଦଯାତ୍ରା ବିଦ୍ୟାଳୟରୁ ବାହାରି ହନୁମାନ ବଜାର, ବାପୁଜୀ କଲୋନୀ, ଏଇଏଫ୍ ବଜାର ଦେଇ ପୁଣି ବିଦ୍ୟାଳୟରେ ପହଞ୍ଚିଥିଲା। ସେହିପରି କାକିଜଡାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀଶିକ୍ଷୟିତ୍ରୀ ନଳିନୀପ୍ରଭା ରଥ, ତନୁଶ୍ରୀ ନନ୍ଦ, ସବିତା ମହାରଣା, ରାଣୀ ନାୟକ, ବିଦ୍ୟାଳୟର କର୍ମଚାରୀ ସାମିଲ ରହିଥିଲେ। ଏହି ଅବସରରେ ସେମାନେ ଜଡ଼ାଗୁଡ଼ା, ମାଲିଗୁଡ଼ା, କଳାହାଣ୍ଡି କଲୋନୀ ବୁଲି ବିଦ୍ୟାଳୟରେ ପହଞ୍ଚିଥିଲେ।

# ବାଲିମେଳା ପାୱାର ପ୍ରୋଜେକ୍ଟ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା




**ବାଲିମେଳା,୪।୪(ସମିସ)**

ମାଲକାନଗିରି ଜିଲ୍ଲା ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରର କର୍ମଚାରୀଙ୍କୁ ନେଇ ଗଠିତ ବାଲିମେଳା ପାୱାର ପ୍ରୋଜେଟ ଏମ୍ପ୍ଲୟେଜ ୟୁନିଅନର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଯାଇଛି। ଏହି ନିର୍ବାଚନ ପ୍ରକ୍ରିୟାଟି ସର୍ବସମ୍ମତିକ୍ରମେ ଶାନ୍ତିଶୃଙ୍ଖଳାରେ ନିର୍ଦ୍ୱନ୍ଦ୍ୱ ଭାବେ ସମ୍ପନ୍ନ ହୋଇଥିଲା। ସଭାପତି ଭାବେ ପ୍ରବୀର ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଦାସ, ଉପସଭାପତି ଭାବେ ଜଗମୋହନ ବିଶ୍ୱାଳ ଏବଂ ରବିନାରାୟଣ ଡାଏନି, ସାଧାରଣସମ୍ପାଦକ ସନ୍ତୋଷ ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ କେ ମୋହନ ରାଓ ଓ ଶିବପ୍ରସାଦ ଲେଙ୍କା, ସହସମ୍ପାଦକ ସନ୍ତୋଷ କୁମାର ଦଳେଇ, କୋଷାଧକ୍ଷ ଭାବେ ନେହେରୁ ସାହୁ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଭାବେ ଗୋଲକ ବିହାରୀ ସାହୁ ଏବଂ ସୌରା ପଣ୍ଡା ପରିଚାଳନା କରିଥିଲେ। ନୂତନ ଭାବେ ସଭାପତି ଭାର ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀ ଦାସ ଆଗାମୀ ଦିନରେ ନିଜର କର୍ମଚାରୀ ଭାଇ ମାନଙ୍କ ଥିବା ବିଭିନ୍ନ ମୌଳିକ ସମସ୍ୟାଗୁଡିକ ପ୍ରାଧାନ୍ୟ ଦେବା ସହ ସେମାନଙ୍କର ହକ୍ ପାଇଁ ସେ ସବୁବେଳେ ଲଢ଼ିବେ ବୋଲି ପ୍ରକାଶ କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାରେ ୟୁନିଅନ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୨୧ ୱାର୍ଡରେ ଜଳ ବିତରଣ କେନ୍ଦ୍ର ଆରମ୍ଭ




**କୋରାପୁଟ, ୪।୪(ସମିସ):** ରୌଦ୍ରତାପ ଦିନକୁ ଦିନ ବୃଦ୍ଧି ସହ କୋରାପୁଟ ସହରରେ ଜଳକଷ୍ଟ ଦେଖା ଦେଇଥିବାରୁ ଜନସାଧାରଣଙ୍କ ନିମନ୍ତେ କୋରାପୁଟ ପୌର ପରିଷଦ ପକ୍ଷରୁ ୨୧ଟି ୱାର୍ଡରେ ଜଳ ବିତରଣ କେନ୍ଦ୍ର ଆରମ୍ଭ କରାଯାଇଛି। ବିଭିନ୍ନ ୱାର୍ଡରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଜଳ ବିତରଣ କେନ୍ଦ୍ର ପରିଚାଳନା କରାଯାଉଛି। ଏହାର ରକ୍ଷଣାବେକ୍ଷଣ ମହିଳା ଗୋଷ୍ଠୀ କରିବେ। ବସ୍ଷ୍ଟାଣ୍ଡ, ଜଗନ୍ନାଥ ମନ୍ଦିର ଛକ, ପୋଷ୍ଟାଲ ଓ ଉପଜିଲ୍ଲାପାଳ ଅଫିସ ଛକ ଜନଗହଳି ହୋଇଥିବାରୁ ଏହି ଛକଗୁଡିକରେ ୪ଟି ବିତରଣ କେନ୍ଦ୍ର ଖୋଲାଯାଇଛି। ସର୍ବମୋଟ ୨୫ଟି ସ୍ଥାନରେ ଜଳ ବିତରଣ କେନ୍ଦ୍ର ଖୋଲାଯାଇଥିବା ସିଏମ୍ଏମ୍ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ କହିଛନ୍ତି। ମୋଟ ୨୫ଟି ଜାଗାରେ କରାଯାଇଛି। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସୀମା ପଢ଼ିହାରୀ, ସାମାଜିକ ସଂଗଠକ ସଙ୍ଗୀତା ସିଂ ଏବଂ ସିଏମ୍ଏମ୍ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସଲମନଗୁଡ଼ା ବିଦ୍ୟାଳୟରେ ପ୍ରବେଶ ଉତ୍ସବ




**କୋରାପୁଟ,୪।୪(ସମିସ):** କୋରାପୁଟ ବ୍ଲକ୍ ସଲମନଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଏକ ରାଲି କରି ସ୍ଲୋଗାନ ଦେଇ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକ ଅଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଥାନା କଲୋନୀ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୂର୍ଯ୍ୟକାନ୍ତ ବେହେରା ମୁଖ୍ୟବକ୍ତା ଓ ସଲମନଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଡଲି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଶ୍ରେଣୀରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀଙ୍କୁ ସିନ୍ଦୂର ଓ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପରେ ପରେ ସମସ୍ତ ଅତିଥି ଖୁବ୍ ସୁନ୍ଦର ଭାବେ କୁନି କୁନି ପିଲାଙ୍କୁ ସାରଗର୍ଭକ ଉପଦେଶ ଦେଇଥିଲେ। ଶେଷ ସୋପାନରେ ନୂଆ ପିଲାମାନଙ୍କୁ ନେଇ କେତୋଟି ଖେଳ କରାଯାଇଥିଲା ଓ ନାଚଗୀତର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋଜ କୁମାର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ଟଙ୍କଧର ଖରାଙ୍କୁ ଅଶ୍ରୁଳ ବିଦାୟ

**ନନ୍ଦପୁର, ୪।୪(ସମିସ)**



କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର ବରିଷ୍ଠ ସାମ୍ବାଦିକ ଟଙ୍କଧର ଖରାଙ୍କୁ ଗୁରୁବାର ଅଶ୍ରୁଳ ବିଦାୟ ଦିଆଯାଇଛି। ଜୀବନ ଯୁଦ୍ଧରେ ହାରିଯାଇ ଶ୍ରୀ ଖରା ବୁଧବାର ମୃତ୍ୟୁବରଣ କରିଥିବା ବେଳେ ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଶେଷଯାତ୍ରା ଜନସମୁଦ୍ର ପାଲଟିଥିଲା। ଘରରୁ ଶ୍ମଶାନ ପର୍ଯ୍ୟନ୍ତ ହୋଇଥିବା ତାଙ୍କର ଶେଷ ଯାତ୍ରାରେ ସହସ୍ରାଧିକ ଜନସାଧାରଣ, ନେତା, ସାମ୍ବାଦିକ ସାମିଲ ହୋଇଥିଲେ। ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେ ବିଭିନ୍ନ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇସାରିବା ପରେ ଘରକୁ ଫେରିଥିଲେ। ଗତ ବୁଧବାର ସନ୍ଧ୍ୟା ୭ଟା ସମୟରେ ବାହାରିପଡ଼ାସ୍ଥିତ ତାଙ୍କ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଗୁରୁବାର ତାଙ୍କ ଶେଷକୃତ୍ୟ ନନ୍ଦପୁରସ୍ଥିତ ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଛି। ଦଳଗତ ନିର୍ବିଶେଷରେ ତିନି ପ୍ରମୁଖ ଦଳର ନେତା କୋରାପୁଟ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଓୟୁଜେ ସ୍କୁଲ ଅଫ୍ ଜର୍ଣ୍ଣାଲିଜମର ଅଧକ୍ଷ ଅଜୟ କୁମାର ସାହୁ, ରାଜ୍ୟ ସଂଗଠନ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କର୍ଣ୍ଣ ସାମଲ, କୋରାପୁଟ ବିଜେଡି ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା, ପଟାଙ୍ଗି ବିଧାୟକ ପିତମ ପାଢ଼ି, ପଟାଙ୍ଗି କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ, ବିଜେପି ବିଧାୟକ ପ୍ରାର୍ଥୀ ଚୈତନ୍ୟ ହନ୍ତାଳ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ବ୍ଲକ୍ ସଭାପତି କାଶୀନାଥ ଗୋଲରୀ, ବ୍ଲକ୍ ଅଧକ୍ଷା ସାବିତ୍ରୀ କର୍ତ୍ତୁଲ, ଏସ୍‌ଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ଭଗବାନ ପେଟିଆ, ମୁନା ଦଳପତି, ପ୍ରଭାତ ଗୁରୁମାଇ, ବ୍ଲକ୍ ଉପାଧକ୍ଷ ଗୋପାଳ ହନ୍ତାଳ, ଜଗନ୍ନାଥ ହନ୍ତାଳ, କାମେସ କାମୁଡି, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, କୁନି ପାଲି, ନନ୍ଦପୁର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଳତା ଗରଡ଼ାଙ୍କ ସମେତ ଜିଲ୍ଲାରୁ ବିଭିନ୍ନ ଅଞ୍ଚଳର ବନ୍ଧୁ, ସମ୍ପର୍କୀୟ ଓ ସ୍ନେହୀମାନେ ସ୍ୱର୍ଗତ ଟଙ୍କଧର ଖରାଙ୍କ ଶେଷ ଦର୍ଶନ ପାଇଁ ବାହିରିପଡ଼ାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅନ୍ତର ଆତ୍ମାର ସଦ୍‌ଗତି କାମନା କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଜନସମୁଦ୍ର ମଧ୍ୟରେ ପାର୍ଥିବ ଶରୀରକୁ ଶ୍ମଶାନ ଘାଟକୁ ନିଆଯାଇଥିଲା।

● ଶେଷଯାତ୍ରାରେ ଜନସମୁଦ୍ର

# ସିଦ୍ଧି ବିନାୟକଙ୍କ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ କୌଶଲ୍ୟା



**ନବରଙ୍ଗପୁର,୪।୪ (ସମିସ):** ନବରଙ୍ଗପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ଗୁରୁବାରଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଶ୍ରୀମତୀ ପ୍ରଧାନୀ ନିଜ ସମର୍ଥକମାନଙ୍କ ଗହଣରେ ପ୍ରଥମେ ନବରଙ୍ଗପୁର ସିଦ୍ଧି ବିନାୟକ ମନ୍ଦିରରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରି ନିଜ ରାଜନୈତିକ ଜୀବନର ପ୍ରଚାର ଆରମ୍ଭ କରିଛନ୍ତି। ଏହି ସମୟରେ ସିଦ୍ଧି ବିନାୟକ ମନ୍ଦିର ନିକଟରେ ବିଜେଡି ସମର୍ଥକମାନଙ୍କ ପ୍ରବଳ ଭିଡ ଜମିବାରୁ କିଛି ସମୟ ପାଇଁ ମନ୍ଦିର ସମ୍ମୁଖ ରାସ୍ତା ଜନ ସମୁଦ୍ର ପାଲଟିଥିଲା। ପରେ ଶିବ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଏବଂ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ମନ୍ଦିର ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ ଶ୍ରୀମତୀ ପ୍ରଧାନୀ। ଏହାପରେ ଅପରାହ୍ନରୁ ନବରଙ୍ଗପୁର ପୌର ପରିଷଦର ୧୪ ନଂ ୱାର୍ଡ ଠାରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିବା ବିଜେଡି ନଗର ସଭାପତି ପ୍ରମୋଦ ରଥ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ବିଜେଡି ଜିଲ୍ଲା ଉପସଭାପତି ରବି ପଟ୍ଟନାୟକ, ସମ୍ପାଦକ ଭୀମ ହରିଜନ, ଉତ୍ତମ ତ୍ରିପାଠୀ, ପୌର ପାଳିକା ଉପାଧକ୍ଷା ସୌମ୍ୟା ମହାପାତ୍ର, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପଣ୍ଡା, କାଉନସିଲର ଗୀତାଞ୍ଜଳି ଯାଦବ, ପୁରୁଷୋତ୍ତମ ହରିଜନ, ଅଲେଖ ସୌରା, ସନ୍ତୋଷୀ ଜାନି, ପି. ରକ୍ଷା ରାଣୀ, ରୀତା ସୌରା, ୯ ନମ୍ବର ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ, ନନ୍ଦ ହରିଜନ, ସ୍ୱାଧୀନ ପଣ୍ଡା, କୁନା ପାଢ଼ୀ, ପିଙ୍କୁ ଗନ୍ତାୟତ, ସଞ୍ଜୟ ନାୟକ, ଲାଲୁ ତ୍ରିପାଠୀ, କାମିନୀ ପାଢ଼ୀ, ବବିତା ସାହୁ, ୧୭ ନମ୍ବର ୱାର୍ଡ ସଭାପତି ମହାପାତ୍ର, ସୂର୍ଯ୍ୟକାନ୍ତ ଲେଙ୍କା, ଗୋପାଳ ସାହୁ, ଶୁଭ୍ରାଂଶୁ ତ୍ରିପାଠୀ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

